30. କୌଣସି ଏକ ସଳଖ ରାସ୍ତାକଡ଼ରେ ଲାଗିଥିବା ଗଛଗୁଡ଼ିକ ସମାନ ବ୍ୟବଧାନରେ ରହିଛନ୍ତି । ସେହି ରାସ୍ତାକଡ଼ରେ ପ୍ରଥମ ଗଛ ପୂର୍ବରୁ ଥିବା ଏକ ମନ୍ଦିର ଠାରୁ 3 ୟ ଗଛର ଦୂରତା 63 ମି. ଓ ମନ୍ଦିର ଠାରୁ 8ମ ଗଛର ଦୂରତା 108 ମି. ହେଲେ ମନ୍ଦିର ଠାରୁ 11 ତମ ଗଛର ଦୂରତା କେତେ ମି. ?

(A) 135 ମି. (B) 111 ମି.

(C) 99 ମି. (D) 126 ମି.

31. ଗୋଟିଏ ବୃତ୍ତର ଦୁଇଟି ଅସମାନ୍ତର ଜ୍ୟା'ର ସମଦ୍ୱିଖଣ୍ଡକ ଲମ୍ବଦ୍ୱୟ ସମ୍ବନ୍ଧରେ କେଉଁ ତଥ୍ୟଟି ଠିକ୍ ଅଟେ ?

(A) ପରସ୍ପରକୁ ସମଦ୍ୱିଖଣ୍ଡ କରନ୍ତି (B) ପରସ୍ପର ପ୍ରତି ଲମ୍ବ

(C) ପରସ୍ପର ବୃତ୍ତର କେନ୍ଦ୍ରରେ ମିଳିତ ହୁଅନ୍ତି (D) ପରସ୍ପର ସମାନ୍ତର

32. ABCD ବୃତ୍ତାନ୍ତର୍ଲିଖିତ ଚତୁର୍ଭୁଜ ହେଲେ ନିମ୍ନୋକ୍ତ ମଧ୍ୟରୁ କେଉଁ ଉତ୍ତରଟି ଠିକ୍ ଅଟେ ?

(A) $\frac{1}{2}m\overset{\frown}{ABC} + \frac{1}{2}m\overset{\frown}{ADC} = 90^\circ$ (B) $\frac{1}{2}m\overset{\frown}{ABC} + \frac{1}{2}m\overset{\frown}{ADC} = 180^\circ$

(C) $m\overset{\frown}{ABC} + m\overset{\frown}{ADC} = 180^\circ$ (D) $m\overset{\frown}{ABC} + m\overset{\frown}{ADC} = 90^\circ$


Odisha 1 to 10 all books App

33. ΔXYZ ର କୋଣମାନଙ୍କର ସମଦ୍ୱିଖଣ୍ଡକ ମାନେ ତ୍ରିଭୁଜର ପରିବୃତ୍ତକୁ ଯଥାକ୍ରମେ P, Q ଓ R ବିନ୍ଦୁରେ ଛେଦ କରୁଥିଲେ ନିମ୍ନସ୍ଥ କେଉଁ ଉତ୍ତରଟି ଠିକ୍ ଅଟେ ?

(A) $m\angle QPR = 90^\circ - \frac{1}{2} m\angle XZY$ (B) $m\angle QPR = 90^\circ - \frac{1}{2} m\angle ZXY$

(C) $m\angle QPR = 90^\circ - \frac{1}{2} m\angle XYZ$ (D) $m\angle QPR = 90^\circ - m\angle YXZ$


34. ପ୍ରଦତ୍ତ ଚିତ୍ରରେ $\overline{AB}$ ଜ୍ୟା $\overline{CD}$ ବ୍ୟାସ ସହିତ ସମାନ୍ତର । $m\angle BOD = 60^\circ$ ହେଲେ $m\angle BAC$ ର ପରିମାଣ କେତେ ?



(A) 60° (B) 100°

(C) 120° (D) 130°

35. ପ୍ରଦତ୍ତ ଚିତ୍ରରେ $\overrightarrow{PAB}$ ଓ $\overrightarrow{PCD}$ ଛେଦକ ଦ୍ୱୟ ବୃତ୍ତକୁ ଯଥାକ୍ରମେ A, B, ଓ C, D ବିନ୍ଦୁରେ ଛେଦ କରନ୍ତି । $\overline{BC}$ ଓ $\overline{AD}$ ର ଛେଦ ବିନ୍ଦୁ X ଏବଂ $m\angle BXD = 40^\circ$ ଓ $m\angle BPD = 10^\circ$ ହେଲେ $m\overset{\frown}{BYD}$ = ?



(A) 30° (B) 50°


(C) 60° (D) 100°

36. ଦୁଇଟି ଅଣଛେଦୀ ତଥା ପରସ୍ପର ବହିଃସ୍ଥ ବୃତ୍ତଲାଗି ସର୍ବାଧିକ କେତୋଟି ତୀର୍ଯ୍ୟକ୍ ସାଧାରଣ ସ୍ପର୍ଶକ ଥାଏ ?

(A) 1 (B) 2

(C) 3 (D) 4

37. ପ୍ରଦତ୍ତ ଚିତ୍ରରେ $\overline{PT}$ ଏକ ସ୍ପର୍ଶକ ଖଣ୍ଡ, $\overleftrightarrow{PAB}$ ଛେଦକ PT = 12 cm, PA = 8 cm ହେଲେ $\overline{PB}$ ର ଦୈର୍ଘ୍ୟ କେତେ ?



(A) 4 cm (B) 18 cm

(C) 20 cm (D) 24 cm

Odisha 1 to 10 all books App

38. ଦୁଇଟି ବୃତ୍ତର ବ୍ୟାସାର୍ଦ୍ଧ ଯଥାକ୍ରମେ r_1 ଓ r_2 ଏକକ । ଏହାର ଏକ ସରଳ ସାଧାରଣ ସ୍ପର୍ଶକ ବୃତ୍ତ ଦୁଇଟିକୁ ଯଥାକ୍ରମେ P ଓ Q ବିନ୍ଦୁରେ ସ୍ପର୍ଶ କରନ୍ତି । $\overline{PQ}$ ର ଦୈର୍ଘ୍ୟ ନିମ୍ନୋକ୍ତ ମଧ୍ୟରୁ କେତେ ଏକକ ହେଲେ ବୃତ୍ତଦ୍ୱୟ ପରସ୍ପର ବହିସ୍ପର୍ଶୀ ହେବେ ?

(A) $\sqrt{r_1 r_2}$ (B) $2\sqrt{r_1 r_2}$


(C) $3\sqrt{r_1 r_2}$ (D) $r_1 r_2$

39. ବୃତ୍ତାନ୍ତର୍ଲିଖିତ ସମବାହୁ Δ ପରିସୀମା 8 ସେ. ମି. ହେଲେ ଦତ୍ତ ବୃତ୍ତର ପରିଲିଖିତ ସମବାହୁ Δ ର ପରିସୀମା କେତେ ହେବ ?

(A) 8 ସେ. ମି. (B) 16 ସେ. ମି.

(C) 24 ସେ. ମି. (D) 32 ସେ. ମି.

40. ପ୍ରଦତ୍ତ ଚିତ୍ରରେ ABCD ଏକ ବୃତ୍ତାନ୍ତର୍ଲିଖିତ ଚତୁର୍ଭୁଜ । $\overline{AB}$, $\overline{BC}$, $\overline{CD}$, $\overline{AD}$ ବୃତ୍ତକୁ ଯଥାକ୍ରମେ P, Q, R, S ବିନ୍ଦୁରେ ସ୍ପର୍ଶ କରୁଛନ୍ତି । ଯଦି BC = 7 ସେ. ମି., CR = 3 ସେ. ମି. ଏବଂ AS = 5 ସେ. ମି. ହୁଏ ତେବେ $\overline{AB}$ ର ଦୈର୍ଘ୍ୟ କେତେ ?



(A) 10 ସେ. ମି. (B) 9 ସେ. ମି.

(C) 8 ସେ. ମି. (D) 7 ସେ. ମି.

41. $\sin(30^\circ + A) + \sin(30^\circ - A) =$ _____ ।

(A) $\cos A$ (B) $\sin A$

(C) $\frac{1}{2}$ (D) $\frac{\sqrt{3}}{2}$

42. ABC Δ ରେ, $\frac{\tan(A+B) + \tan C}{1 - \tan A \cdot \tan B}$ = _____ ।

(A) 1 (B) 0

(C) ∞ (D) -1

Odisha 1 to 10 all books App

43. $\sin(A+B) = \frac{1}{2}$ ଓ $\sin(A-B) = \frac{1}{2}$ ହେଲେ B = ?

(A) 30° (B) 60°

(C) 90° (D) 150°

44. $\tan 75^\circ \cdot \tan 15^\circ$ = ?

(A) 0 (B) 1

(C) –1 (D) $\sqrt{3}$

45. ପବନରେ ଏକ ସଳଖ ଗଛ ଭାଙ୍ଗିଯିବାରୁ ଏହାର ଅଗ୍ରଭାଗ ମୂଳଠାରୁ 30 ମି. ଦୂରରେ ଭୂମିକୁ 30° କୋଣ କରି ସ୍ପର୍ଶ କଲା । ଗଛର ଉଚ୍ଚତା କେତେ ?

(A) $20\sqrt{3}$ ମି. (B) $30\sqrt{3}$ ମି.

(C) $25\sqrt{3}$ ମି. (D) $15\sqrt{3}$ ମି.

46. ଗୋଟିଏ ଗୋଲକର ବ୍ୟାସାର୍ଦ୍ଧକୁ 2 ଗୁଣ କଲେ ପ୍ରଥମ ଗୋଲକ ନୂତନ ଗୋଲକର ଆୟତନର ଅନୁପାତ କେତେ ?

(A) 1 : 2 (B) 8 : 1

(C) 1 : 8 (D) 2 : 1

47. ଗୋଟିଏ ପ୍ରିଜିମ୍‌ର, ପାର୍ଶ୍ୱପୃଷ୍ଠର କ୍ଷେତ୍ରଫଳ 144 $ମି^2$. ଓ ଆୟତନ $48\sqrt{3}$ $ମି^3$. । ଏହାର ଆଧାର ସମବାହୁ Δ ହେଲେ ଆଧାରର ପ୍ରତ୍ୟେକ ସମାନ ବାହୁ ର ଦୈର୍ଘ୍ୟ କେତେ ?

(A) 2 ମି. (B) 4 ମି.

(C) 6 ମି. (D) 3 ମି.

48. ଗୋଟିଏ ବୃତ୍ତକଳା ସଂପୃକ୍ତ ବୃତ୍ତର କ୍ଷେତ୍ରଫଳ 4π ବ. ମି. ଓ ସଂପୃକ୍ତ ଚାପର ଡିଗ୍ରୀ ପରିମାଣ 90° ହେଲେ ଏହାର କ୍ଷେତ୍ରଫଳ କେତେ ?

(A) 2π ବ. ମି. (B) 4π ବ. ମି.

(C) 3π ବ. ମି. (D) π ବ. ମି.

49. ଗୋଟିଏ ଗୋଲକର ବ୍ୟାସାର୍ଦ୍ଧ 100% ବୃଦ୍ଧି ହେଲେ ଆୟତନ କେତେ ପ୍ରତିଶତ ବୃଦ୍ଧି ହେବ ?

(A) 100 (B) 300

(C) 400 (D) 700

50. ସମଶୀର୍ଷାର୍ଦ୍ଧ କୋଣ ବିଶିଷ୍ଟ ଦୁଇଟି କୋନ୍‌ର ବକ୍ର ଉଚ୍ଚତାର ଅନୁପାତ x : y ହେଲେ ସେମାନଙ୍କର ବକ୍ରତଳର କ୍ଷେତ୍ରଫଳ ର ଅନୁପାତ କେତେ ?

(A) x : y (B) $x^2 : y^2$

(C) $x : y^2$ (D) $x^2 : y$

Odisha 1 to 10 all books App

Subject : MATHEMATICS
MODEL QUESTION PAPER – 1
SUBJECTIVE

ସମୟ : 1 ଘଣ୍ଟା 30 ମିନିଟ୍ **ପୂର୍ଣ୍ଣ ସଂଖ୍ୟା : 50**

1. (a) ବଜ୍ରଗୁଣନ ପଦ୍ଧତି ଅନୁସାରେ ସମାଧାନ କର : 5

$$11x + 15y + 23 = 0$$
$$7x - 2y - 20 = 0$$

କିମ୍ବା

ଦୁଇଟି ସଂଖ୍ୟାର ଯୋଗଫଳ 25 ଓ ସେମାନଙ୍କ ବ୍ୟୁତ୍କ୍ରମ ରାଶିଦ୍ୱୟର ଯୋଗଫଳ $\frac{1}{4}$ ହେଲେ ସଂଖ୍ୟାଦ୍ୱୟ ନିରୂପଣ କର ।

(b) ପୂର୍ଣ୍ଣବର୍ଗ ରେ ପରିଣତ କରି ସମାଧାନ କର : 5

$$12x^2 + x - 6 = 0$$

କିମ୍ବା

ଏକ ଡଙ୍ଗାର ସ୍ଥିର ଜଳରେ ଘଣ୍ଟା ପ୍ରତି ବେଗ 8 କି.ମି. । ଯଦି ଏହା ସ୍ରୋତର ପ୍ରତିକୂଳରେ 15 କି.ମି. ଓ ସ୍ରୋତର ଅନୁକୂଳରେ 22 କି. ମି. ଯିବାକୁ 5 ଘଣ୍ଟା ସମୟ ନିଏ, ତେବେ ସ୍ରୋତର ଘଣ୍ଟା ପ୍ରତି ବେଗ ନିର୍ଣ୍ଣୟ କର ।

2. (a) ଗୋଟିଏ ବସ୍‌ର ବର୍ତ୍ତମାନ ବେଗ ଘଣ୍ଟା ପ୍ରତି 30 କି. ମି. । ପ୍ରଥମ 12 ଘଣ୍ଟା ପାଇଁ ବସ୍‌ର ବେଗ ଘଣ୍ଟାପ୍ରତି 5 କି.ମି. ହାରରେ ବୃଦ୍ଧିପାଏ ଓ ତା' ପର 12 ଘଣ୍ଟା ପାଇଁ ବସ୍‌ର ବେଗ ଘଣ୍ଟାପ୍ରତି 8 କି. ମି. ହାରରେ ହ୍ରାସ ପାଏ । ସେହି ଦିନରେ ବସ୍ ଦ୍ୱାରା ମୋଟ ଅତିକ୍ରାନ୍ତ ଦୂରତା କେତେ ? 5

କିମ୍ବା

ନିମ୍ନସ୍ଥ ଅନୁକ୍ରମର ପ୍ରଥମ 'n' ସଂଖ୍ୟକ ପଦର ଯୋଗଫଳ ନିର୍ଣ୍ଣୟ କର ।

$$4 \times 7 + 8 \times 11 + 12 \times 15 + \cdots\cdots\cdots$$

(b) ଦୁଇଟି ଲୁଡୁଗୋଟିକୁ ଏକାଥରେ ଗଡ଼ାଇଲେ ଲୁଡୁଗୋଟିର ଉପରକୁ ଦେଖାଯାଉଥିବା ସଂଖ୍ୟାଦ୍ୱୟର ଯୋଗଫଳ 4 ଠାରୁ ବୃହତ୍ତର କିମ୍ବା 2 ଓ ତାହାଠାରୁ କ୍ଷୁଦ୍ରତର ହେବାର ସମ୍ଭାବ୍ୟତା ନିର୍ଣ୍ଣୟ କର । 5

କିମ୍ବା

$A(x_1, y_1)$, $B(x_2, y_2)$ ଓ $C(x_3, y_3)$ ତ୍ରିଭୁଜ ABC ର ତିନୋଟି ଶୀର୍ଷବିନ୍ଦୁ ହେଲେ ପ୍ରମାଣ କର ଯେ Δ ABC ର ଭରକେନ୍ଦ୍ରର ସ୍ଥାନାଙ୍କ $\left(\frac{x_1 + x_2 + x_3}{3}, \frac{y_1 + y_2 + y_3}{3}\right)$ ।

Odisha 1 to 10 all books App

3. (a) ନିମ୍ନ ସାରଣୀ ଅନ୍ତର୍ଭୁକ୍ତ ତଥ୍ୟାବଳୀର ମଧ୍ୟମା ନିର୍ଣ୍ଣୟ କର : 5

ସଂଭାଗ	5 – 10	10 – 15	15 – 20	20 – 25	25 - 30	30 – 35	35 – 40	40 – 45
ରାଶିକୃତ ବାରମ୍ବାରତା	5	11	26	36	41	45	47	49

କିମ୍ବା

ନିମ୍ନ ସାରଣୀ ଅନ୍ତର୍ଭୁକ୍ତ ତଥ୍ୟାବଳୀର ମାଧ୍ୟମାନ 54 ହେଲେ ସୋପାନ ବିଚ୍ୟୁତି ପ୍ରଣାଳୀ ପ୍ରୟୋଗରେ 'f'ର ମୂଲ୍ୟ ନିର୍ଣ୍ଣୟ କର :

ସଂଭାଗ	0 – 20	20 – 40	40 – 60	60 – 80	80 - 100
ବାରମ୍ବାରତା	7	f	10	9	13

(b) ପ୍ରମାଣ କର ଯେ ଗୋଟିଏ ତ୍ରିଭୁଜର ତିନିକୋଣ, ଅନ୍ୟ ଏକ ତ୍ରିଭୁଜର ଅନୁରୂପ କୋଣ ସହ ସର୍ବସମ ହେଲେ, ତ୍ରିଭୁଜ ଦୁଇଟି ସଦୃଶ ହୁଅନ୍ତି । 5

କିମ୍ବା

ପ୍ରମାଣ କର ଯେ ଏକ ବୃତ୍ତର ବହିଃସ୍ଥ କୌଣସି ଗୋଟିଏ ବିନ୍ଦୁ P ଦେଇ ବୃତ୍ତ ପ୍ରତି ଏକ ସ୍ପର୍ଶକ-ଖଣ୍ଡ $\overline{PT}$ ଏବଂ ଏକ ଛେଦକ $\overleftrightarrow{PAB}$ ଅଙ୍କିତ ହେଲେ, $PA \times PB = PT^2$ ।

4. (a) ΔABC ରେ $\angle BAC$ ର ସମଦ୍ୱିଖଣ୍ଡକ, $\overline{BC}$ କୁ P ବିନ୍ଦୁରେ ଛେଦ କରେ ଏବଂ $\angle ABC$ ର ସମଦ୍ୱିଖଣ୍ଡକ $\overline{AP}$ କୁ Q ବିନ୍ଦୁରେ ଛେଦ କରେ । ପ୍ରମାଣ କର ଯେ $\frac{AQ}{QP} = \frac{AB + AC}{BC}$ । 5

କିମ୍ବା

ΔABC ଏକ ବୃତ୍ତାନ୍ତର୍ଲିଖିତ ସମବାହୁ ତ୍ରିଭୁଜ । $\overline{BC}$ ଜ୍ୟା ସହ ସଂପୃକ୍ତ କ୍ଷୁଦ୍ରଚାପ ଉପରେ P ଏକ ବିନ୍ଦୁ । ପ୍ରମାଣ କର ଯେ $PA = PB + PC$ ।

(b) ପ୍ରମାଣ କର : 5

$\sqrt{3} + \cot 50^\circ + \tan 80^\circ = \sqrt{3} \cot 50^\circ . \tan 80^\circ$

କିମ୍ବା

ଗୋଟିଏ ପାହାଡ଼ ଶୀର୍ଷରୁ ଏହାର ପାଦଦେଶ ସହ ଏକ ସମତଳରେ ଥିବା 50 ମି. ଉଚ୍ଚ ଏକ ସ୍ତମ୍ଭର ଶୀର୍ଷ ଓ ପାଦଦେଶର କୌଣିକ ଅବନ୍ନତି ର ପରିମାଣ ଯଥାକ୍ରମେ 30° ଓ 60° ହେଲେ ପାହାଡ଼ର ଉଚ୍ଚତା ନିରୂପଣ କର ।

Odisha 1 to 10 all books App

5. (a) 6 ସେ. ମି. ଦୀର୍ଘ ବାହୁ ବିଶିଷ୍ଟ ଏକ ସମବାହୁ ତ୍ରିଭୁଜରେ ଏକ ଅନ୍ତଃବୃତ୍ତ ଓ ପରିବୃତ୍ତ ଅଙ୍କିତ ହୋଇଛି । ଦୁଇ ବୃତ୍ତ ମଧ୍ୟସ୍ଥ ବୃତ୍ତାକାର ବଳୟର କ୍ଷେତ୍ରଫଳ π ମାଧ୍ୟମରେ ନିର୍ଣ୍ଣୟ କର । 5

କିମ୍ବା ।

ଏକ ପ୍ରିଜିମ୍‌ର ଆଧାର ଏକ ସମକୋଣୀ ସମଦ୍ୱିବାହୁ ତ୍ରିଭୁଜ ଯାହାର କର୍ଣ୍ଣର ଦୈର୍ଘ୍ୟ 12 ସେ. ମି. । ପ୍ରିଜିମ୍‌ର ଉଚ୍ଚତା 20 ସେ. ମି. ହେଲେ ପ୍ରିଜିମ୍‌ର ସମଗ୍ରପୃଷ୍ଠତଳର କ୍ଷେତ୍ରଫଳ ନିର୍ଣ୍ଣୟ କର । ($\sqrt{2} \simeq 1.4$)

(b) Δ ABC ଅଙ୍କନ କର ଯାହାର BC = 5 ସେ. ମି. $m\angle B = 30^\circ$ ଓ $\overline{AD}$ ମଧ୍ୟମାର ଦୈର୍ଘ୍ୟ = 6 ସେ.ମି. । 3 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ବୃତ୍ତରେ ଏହାର ଏକ ସଦୃଶ ତ୍ରିଭୁଜ ଅନ୍ତର୍ଲିଖନ କର । 5

କିମ୍ବା ।

AB = 6 ସେ. ମି, $\overline{AB}$ କୁ 2 : 3 ଅନୁପାତରେ x **ବିନ୍ଦୁରେ ଅନ୍ତର୍ବିଭକ୍ତ** ଓ y ବିନ୍ଦୁରେ ବହିର୍ବିଭକ୍ତ କର ।

Eduodia App

Odisha 1 to 10 all books App

Subject : GENERAL SCIENCE (GSC)
MODEL QUESTION PAPER – 1
OBJECTIVE

ଭୌତିକ ବିଜ୍ଞାନ

ସମୟ : 1 ଘଣ୍ଟା **ପୂର୍ଣ୍ଣ ସଂଖ୍ୟା : 50**

1. ସମତୁଲ ସମୀକରଣଗୁଡ଼ିକୁ ଚିହ୍ନଟ କର ।

(i) $Mg + O_2 \rightarrow MgO$

(ii) $NaCl + AgNO_3 \rightarrow NaNO_3 + AgCl$

(iii) $NaOH + H_2SO_4 \rightarrow Na_2SO_4 + H_2O$

(iv) $BaCl_2 + H_2SO_4 \rightarrow BaSO_4 + 2HCl$

(A) କେବଳ (i) ଓ (iii) ଉକ୍ତି ଠିକ୍ (B) କେବଳ (ii) ଉକ୍ତିଟି ଠିକ୍

(C) କେବଳ (i) ଓ (iv) ଉକ୍ତି ଠିକ୍ (D) କେବଳ (ii) ଓ (iv) ଉକ୍ତି ଠିକ୍

2. ନିମ୍ନୋକ୍ତ ସମୀକରଣରୁ କେଉଁ ତଥ୍ୟ (ଗୁଡ଼ିକ) ସିଦ୍ଧ ହେଉଛି ?

$MnO_2 + 4HCl = MnCl_2 + 2H_2O + Cl_2$

(i) HCl ବିଜାରିତ ହୋଇଛି (ii) HCl ଜାରିତ ହୋଇଛି

(iii) MnO_2 ଜାରିତ ହୋଇଛି (iv) ଏହା ଏକ ଜାରଣ-ବିଜାରଣ ପ୍ରତିକ୍ରିୟା ନୁହେଁ

(A) କେବଳ (iii) ଓ (iv) (B) କେବଳ (ii)

(C) କେବଳ (ii) ଓ (iv) (D) କେବଳ (i) ଓ (iii)

3. ନିମ୍ନୋକ୍ତ କେଉଁଟି ଏକ ତାପଉତ୍ପାଦୀ ରାସାୟନିକ ପ୍ରତିକ୍ରିୟା ନୁହେଁ ?

(A) ପ୍ରାକୃତିକ ଗ୍ୟାସର ଦହନ

(B) ମନୁଷ୍ୟର ଶ୍ୱାସକ୍ରିୟା

(C) ସିଲଭର କ୍ଲୋରାଇଡର ବିଘଟନ ଘଟି ସିଲଭର ଓ କ୍ଲୋରାଇଡ ଉତ୍ପନ୍ନ ହେବା

(D) ଉଭିଦର ବିଘଟନ ଘଟି ଖତ ବା କମ୍ପୋଷ୍ଟରେ ପରିଣତ ହେବା

Odisha 1 to 10 all books App

4. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଏକ ପ୍ରଶମନୀକରଣ ପ୍ରତିକ୍ରିୟାର ଉଦାହରଣ ?

(A) $NaOH + HCl \longrightarrow NaCl + H_2O$

(B) $Zn + 2HCl \longrightarrow ZnCl_2 + H_2$

(C) $2Fe + 3Cl_2 \longrightarrow 2FeCl_3$

(D) $NaCl + AgNO_3 \longrightarrow NaNO_3 + AgCl$

5. H_3O^+ ଆୟନର ଗାଢ଼ତା ବଢ଼ିଲେ pH ର ମୂଲ୍ୟରେ କିଭଳି ପରିବର୍ତ୍ତନ ଘଟେ ?

(A) ବଢ଼େ (B) କମେ

(C) ପ୍ରଥମେ କମେ ଓ ତାପରେ ବଢ଼େ (D) ସମାନ ରହେ

6. ସୋଡ଼ିୟମ ଏସିଟେଟ୍ ଲବଣର pH କେତେ ହେବ ?

(A) 0 (B) 7 ର ଅଧିକ

(C) 7 ରୁ କମ୍ (D) 7

7. କେଉଁ ଧାତୁକୁ ଦୁର୍ଘଟଣା ଜନିତ ନିଆଁରୁ ରକ୍ଷା ପାଇବା ପାଇଁ କିରୋସିନ୍ ରେ ବୁଡ଼ାଇ ରଖାଯାଏ ?

(A) ଲୁହା (B) ସୋଡ଼ିୟମ୍

(C) ରୂପା (D) ତମ୍ବା

8. ନିମ୍ନୋକ୍ତ କେଉଁ ଧାତୁଗୁଡ଼ିକୁ ବୈଦ୍ୟୁତିକ ଶୋଧନ ପ୍ରଣାଳୀରେ ଶୋଧନ କରାଯାଏ ?

(i) Au (ii) Cu

(iii) Na (iv) K

(A) (i) ଓ (ii) (B) (i) ଓ (iii)

(C) (ii) ଓ (iii) (D) (ii) ଓ (iv)

9. ନିମ୍ନୋକ୍ତ କେଉଁଟିରେ କାର୍ବନ ପରମାଣୁ ଗୁଡ଼ିକ ମଧ୍ୟରେ ସଳଖ ଚକ୍ରିୟ ଏବଂ ଶାଖାଯୁକ୍ତ ଶୃଙ୍ଖଳ ସମ୍ଭବ ?

(A) C_4H_{10} (B) C_4H_6

(C) C_4H_8 (D) C_6H_6

10. ସାଇକ୍ଲୋପେଣ୍ଟେନ୍ ଅଣୁ ଗଠନ ପାଇଁ ମୋଟ କେତୋଟି ଇଲେକ୍ଟ୍ରନ ସହଭାଜିତ ହୁଏ ?

(A) 20 (B) 25

(C) 30 (D) 40

Odisha 1 to 10 all books App

11. x ଟି କାର୍ବନ ଥିବା ଏକ ଆଲ୍‌କେନ୍ ଅଣୁ ରେ କେତୋଟି ସହ ସଂଯୋଜ୍ୟ ବନ୍ଧ ଥାଏ ?

(A) $3x + 1$ (B) $2x + 3$

(C) $2x + 2$ (D) $3x - 2$

12. ଯୋଜ୍ୟତା 3 ବିଶିଷ୍ଟ ଗୋଟିଏ ଧାତୁ X ଓ ଏକ ହାଲୋଜେନ ମୌଳିକ Y ଦ୍ୱାରା ଗଠିତ ଯୌଗିକର ସଂକେତ କ'ଣ ହେବ ?

(A) X_3Y (B) XY

(C) $3XY$ (D) XY_3

13. ଏକ ମୌଳିକର ପରମାଣୁ କ୍ରମାଙ୍କ 19 ହେଲେ, ଏହା ଆଧୁନିକ ପର୍ଯ୍ୟାୟ ସାରଣୀରେ କେଉଁ ଗ୍ରୁପ ଓ କେଉଁ ପର୍ଯ୍ୟାୟରେ ସ୍ଥାନ ପାଇବ ?

(A) ପ୍ରଥମ ଗ୍ରୁପ ଓ ଦ୍ୱିତୀୟ ପର୍ଯ୍ୟାୟ (B) ଦ୍ୱିତୀୟ ଗ୍ରୁପ ଓ ତୃତୀୟ ପର୍ଯ୍ୟାୟ

(C) ଦ୍ୱିତୀୟ ଗ୍ରୁପ ଓ ଚତୁର୍ଥ ପର୍ଯ୍ୟାୟ (D) ପ୍ରଥମ ଗ୍ରୁପ ଓ ଚତୁର୍ଥ ପର୍ଯ୍ୟାୟ

14. ପରମାଣୁର ଆକାର ଦୃଷ୍ଟିରୁ ନିମ୍ନୋକ୍ତ କେଉଁ ଉକ୍ତିଟି ଠିକ୍ ଅଟେ ?

(A) $Na > Al > P > Cl$ (B) $Na < Al < P < Cl$

(C) $Al < P < Cl < Na$ (D) $P > Cl > Na > Al$

15. ନିମ୍ନୋକ୍ତ କେଉଁ ଅବସ୍ଥାନ ପାଇଁ ଅବତଳ ଦର୍ପଣରେ ପ୍ରତିବିମ୍ବଟି ସଳଖ ହୋଇଥାଏ ?

(A) ଅନନ୍ତ ଦୂରରେ (B) P ଓ F ମଧ୍ୟରେ

(C) C ଠାରେ (D) F ଠାରେ

16. ଏକ ମାଧ୍ୟମର ପ୍ରତିସରଣାଙ୍କ 1.2 ହେଲେ ଉକ୍ତ ମାଧ୍ୟମରେ ଆଲୋକର ବେଗ କେତେ ହେବ ?
(ଶୂନ୍ୟ ମାଧ୍ୟମରେ ଆଲୋକର ବେଗ $3 \times 10^8\ ms^{-1}$)

(A) $2 \times 10^8\ ms^{-1}$ (B) $2.5 \times 10^8\ ms^{-1}$

(C) $2.75 \times 10^8\ ms^{-1}$ (D) $3.5 \times 10^8\ ms^{-1}$

17. ଗୋଟିଏ ଲେନ୍‌ସର ପାୱାର + 2.0 D । ଏହାର ଫୋକସ୍ ଦୂରତା କେତେ ଓ ଏହା କେଉଁ ପ୍ରକାର ଦୃଷ୍ଟି ଦୋଷର ଉପଚାର ପାଇଁ ବ୍ୟବହୃତ ହୁଏ ?

(A) 0.5 ମି. ଦୂର ଦୃଷ୍ଟିଦୋଷ (B) 0.5 ମି. ସମୀପ ଦୃଷ୍ଟିଦୋଷ

(C) 2.0 ମି. ଦୂର ଦୃଷ୍ଟିଦୋଷ (D) 2.0 ମି. ସମୀପ ଦୃଷ୍ଟିଦୋଷ

Odisha 1 to 10 all books App


18. ଆଲୋକ ରଶ୍ମି ପ୍ରିଜିମ୍‌ରେ ପ୍ରବେଶ କଲେ କେଉଁ ବର୍ଣ୍ଣର ଆଲୋକ କମ୍ ବଙ୍କାଏ ଓ କେଉଁ ବର୍ଣ୍ଣର ଆଲୋକ ଅଧିକ ବଙ୍କାଏ ?

(A) ବାଇଗଣୀ ଓ ଘନନୀଳ
(B) ନୀଳ ଓ ସବୁଜ
(C) ସବୁଜ ଓ ହଳଦିଆ
(D) ଲାଲ ଓ ବାଇଗଣୀ

19. ଚକ୍ଷୁ ଲେନ୍‌ସର ବକ୍ରତା ବଢ଼ିଗଲେ, ଦୂର ବସ୍ତୁରୁ ଆସୁଥିବା ଆଲୋକ ଗୁଚ୍ଛ ଚକ୍ଷୁର କେଉଁ ସ୍ଥାନରେ ପ୍ରତିବିମ୍ବ ସୃଷ୍ଟି କରେ ?

(A) ମୁକୁରିକା
(B) କାଚାଭରସ
(C) ନେତ୍ର ପିତୁଳା
(D) କନୀନିକା

20. ଏକ ପରୀକ୍ଷଣରେ ଜଣେ ଛାତ୍ର ତିନୋଟି ଭିନ୍ନ ପ୍ରତିରୋଧ R_1, R_2 ଓ R_3 ବିଶିଷ୍ଟ ତାର ନେଇ ଏହାକୁ V–I ଗ୍ରାଫରେ ଦର୍ଶାଇଲେ, ନିମ୍ନୋକ୍ତ R_1, R_2 ଓ R_3 ମଧ୍ୟରେ ସଂପର୍କ ନିମ୍ନୋକ୍ତ ମଧ୍ୟରୁ କେଉଁଟି ଠିକ୍ ହେବ ?




(A) $R_3 > R_2 > R_1$
(B) $R_1 > R_2 > R_3$
(C) $R_1 = R_2 = R_3$
(D) $R_1 < R_3 < R_2$

21. ଗୋଟିଏ ବିଦ୍ୟୁତ ଉପାଂଶର ପ୍ରତିରୋଧକୁ ସ୍ଥିର ରଖି ତା'ର ପ୍ରାନ୍ତ ମଧ୍ୟରେ ଥିବା ବିଭାନ୍ତରକୁ ଅଧା କଲେ, ସେଥିରେ ପ୍ରବାହିତ ହେଉଥିବା ବିଦ୍ୟୁତ ସ୍ରୋତର ପରିମାଣରେ କି ପରିବର୍ତ୍ତନ ହେବ ?

(A) ବିଦ୍ୟୁତ ସ୍ରୋତର ପରିମାଣ ଦୁଇଗୁଣ ହେବ ।
(B) ବିଦ୍ୟୁତ ସ୍ରୋତର ପରିମାଣ ଅପରିବର୍ତ୍ତିତ ରହିବ ।
(C) ବିଦ୍ୟୁତ ସ୍ରୋତର ପରିମାଣ ଅଧା ହେବ ।
(D) ବିଦ୍ୟୁତ ସ୍ରୋତର ପରିମାଣ ଏକ-ଚତୁର୍ଥାଂଶ ହେବ ।


Odisha 1 to 10 all books App

22. ଏକ ଚୁମ୍ବକୀୟ କ୍ଷେତ୍ରରେ ସମାନ୍ତର ଭାବେ ଥିବା ଏକ ସଳଖ ପରିବାହୀ ABରେ ବିଦ୍ୟୁତ ପ୍ରବାହ A ରୁ B ଦିଗରେ ହେଲେ, ଏହା ଉପରେ କାର୍ଯ୍ୟକାରୀ ବଳର ଦିଗ କେଉଁ ଆଡ଼କୁ ହେବ ?



(A) ପୁଷ୍ଠାର ଉପରକୁ
(B) କୌଣସି ବଳ କାର୍ଯ୍ୟକାରୀ ହେବନାହିଁ
(C) ପୁଷ୍ଠାର ତଳକୁ
(D) N ରୁ S ଆଡ଼କୁ

23. ପ୍ରଦତ୍ତ ଚିତ୍ରରେ A ଓ B ମଧ୍ୟରେ ବିଦ୍ୟୁତ ବିଭବାନ୍ତର କେତେ ହେବ ?



(A) 4 V
(B) 2.4 V
(C) 8 V
(D) 9.6 V

24. 5 ସେକେଣ୍ଡ ରେ କେତେ ଚାର୍ଜ ପ୍ରବାହିତ ହେଲେ ବିଦ୍ୟୁତ ସ୍ରୋତର ପରିମାଣ 2 μ A ହେବ ?

(A) 10^3 C
(B) 10^5 C
(C) 10 C
(D) 10^{-5} C

25. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଚୁମ୍ବକୀୟ କ୍ଷେତ୍ରରେଖାର ଗୁଣ/ଧର୍ମକୁ ଦର୍ଶାଉଛି ?

(i) ଦୁଇଟି ଚୁମ୍ବକୀୟ କ୍ଷେତ୍ରରେଖା ପରସ୍ପରକୁ ଛେଦ କରନ୍ତି ନାହିଁ ।
(ii) ଚୁମ୍ବକୀୟ କ୍ଷେତ୍ରରେଖାର ଦିଗ ଚୁମ୍ବକ ବାହାରେ ଦକ୍ଷିଣରୁ ଉତ୍ତରକୁ ଥାଏ ।
(iii) ଚୁମ୍ବକୀୟ କ୍ଷେତ୍ରରେଖା ଏକ ଅବିଚ୍ଛିନ୍ନ ଓ ମୁଦିତ ରେଖା ।
(iv) ମେରୁ ଠାରେ କ୍ଷେତ୍ରରେଖାର ଘନତ୍ୱ ଅଧିକ ଥାଏ ।

(A) କେବଳ (i)
(B) ଉଭୟ (i) ଓ (ii)
(C) (i), (iii) ଓ (iv)
(D) କେବଳ (iv)

Edudia App

Odisha 1 to 10 all books App

26. କୁକୁର ଲାଳରେ କେଉଁ ଏନ୍‌ଜାଇମ ଥିବାରୁ ସେ ନିଜ ଜିଭ ଦ୍ୱାରା ଚାଟି ଚାଟି ନିଜ ଶରୀରରେ ହେଉଥିବା କ୍ଷତ ଗୁଡ଼ିକୁ ଭଲ କରିଥାଏ ?

(A) ଟାୟାଲିନ୍ (B) ପେପସିନ୍

(C) ଲାଇପେଜ୍ (D) ବ୍ୟାକ୍‌ଟ୍ରିସିଡାଲ

27. 2 ଗ୍ରାମ୍ ଶ୍ୱେତସାରରୁ କେତେ ପରିମାଣର ଶକ୍ତି ନିର୍ଗତ ହୋଇଥାଏ ?

(A) 16 J (B) 16 KJ

(C) 32 J (D) 32 KJ

28. ପଞ୍ଜରା ହାଡ଼ ଯଦି ଗତି ନ କରନ୍ତା ତେବେ ମନୁଷ୍ୟ ର କେଉଁ ପ୍ରକ୍ରିୟା ବାଧା ପାଇଥାନ୍ତା ?

(A) ପୋଷଣ (B) ଶ୍ୱସନ

(C) ପରିବହନ ସଞ୍ଚାଳନ (D) ରେଚନ

29. ନିଃଶ୍ୱାସ ସମୟରେ ନିମ୍ନୋକ୍ତ ମଧ୍ୟରୁ କେଉଁ ଘଟଣା ଘଟେ ?

(A) ବକ୍ଷ ଗହ୍ୱର ଆୟତନ ବୃଦ୍ଧି

(B) ମଧ୍ୟଚ୍ଛଦା ଓ ଅନ୍ତଃ ପଞ୍ଜରା ମାଂସପେଶୀର ସଂକୋଚନ

(C) ଉଦରୀୟ ମାଂସପେଶୀର ଶିଥିଳନ

(D) ଉଦରୀୟ ମାଂସପେଶୀର ସଂକୋଚନ

30. ଉଦ୍ଭିଦର ପୋଷକ ସଂଶ୍ଳେଷଣ ହେଉଥିବା ସ୍ଥାନକୁ କ'ଣ ଏବଂ ପୋଷକ ବ୍ୟବହୃତ ହେଉଥିବା ସ୍ଥାନକୁ କ'ଣ କୁହାଯାଏ ?

(A) ଜମାଭୁକ୍ତ ଅଂଶ, ପୋଷକର ଉତ୍ସ (B) ପୋଷକର ଉତ୍ସ, ଜମାଭୁକ୍ତ ଅଂଶ

(C) ଷ୍ଟୋମା, ତ୍ୱଚାବରଣ (D) ତ୍ୱଚାବରଣ, ଷ୍ଟୋମା

31. 'O' ରକ୍ତ ବର୍ଗର ବ୍ୟକ୍ତିମାନେ ସମସ୍ତଙ୍କୁ ରକ୍ତ ଦେଇପାରିବେ କାହିଁକି ?

(A) 'A' ଓ 'B' ଏଣ୍ଟିଜେନ୍ ନ ଥିବାରୁ (B) 'A' ଓ 'B' ଏଣ୍ଟିଜେନ୍ ଥିବାରୁ

(C) 'A' ଓ 'B' ଏଣ୍ଟିବଡ଼ି ନ ଥିବାରୁ (D) 'A' ଓ 'B' ଏଣ୍ଟିବଡ଼ି ଥିବାରୁ

Odisha 1 to 10 all books App

32. ମେରୁଦଣ୍ଡୀ ପ୍ରଣୀମାନଙ୍କ ମଧ୍ୟରେ ଥିବା ସ୍ୱତନ୍ତ୍ର ରେଚନ ଅଙ୍ଗର ନାମ କ'ଣ ?

(A) ଜିଭ (B) ଚର୍ମ

(C) ଚକ୍ଷୁ (D) କର୍ଣ୍ଣ

33. ତୁମ ସାଂଗର ମୂତ୍ରର ରଂଗରେ କିଛି ପରିବର୍ତ୍ତନ ଘଟିଛି । ଏହା କେଉଁ ଉପାଦାନ କ୍ଷରଣ ଯୋଗୁଁ ହୋଇଛି ବୋଲି ତୁମେ ଭାବୁଛ ?

(A) କ୍ରିଏଟିନିନ୍ (B) ୟୁରିଆ

(C) ଜଳ (D) ରକ୍ତକଣିକା

34. ପ୍ରାଣୀମାନଙ୍କ ଶରୀରରେ ନିୟନ୍ତ୍ରଣ ତଥା ସମନ୍ୱୟ ରକ୍ଷା କରିବାରେ କେଉଁ ପଦ୍ଧତି କାର୍ଯ୍ୟ କରେ ?

(A) ରାସାୟନିକ (B) ସ୍ନାୟବିକ

(C) ଭୌତିକ (D) ରାସାୟନିକ ଓ ସ୍ନାୟବିକ ପଦ୍ଧତି

35. ସୁଚିତ୍ରା ରାତିରେ (ଟ୍ୟୁସନ) Tuition ରୁ ଫେରିଲା ବେଳେ ହଠାତ୍ ଭୟଭୀତ ହୋଇପଡ଼ିଲା କିଛି ସମୟ ପରେ ସେ ପୁନଃ ସୁସ୍ଥ ଅନୁଭବ କଲା । ଏହା କେଉଁ ହରମୋନ୍ କାରଣ ଯୋଗୁଁ ନିୟନ୍ତ୍ରଣ ହୋଇପାରିଲା ?

(A) ଥାଇରକ୍ସିନ (B) ଭାସୋପ୍ରେସିନ

(C) ଇନ୍‌ସୁଲିନ୍ (D) ଆଡ୍ରେନାଲିନ୍

36. ରକ୍ତରେ ଇନ୍‌ସୁଲିନ୍ ଅଭାବରେ ଶର୍କରାର ପରିମାଣ ବଢ଼ି କେଉଁ ରୋଗ ହୋଇଥାଏ ?

(A) ଡାଇବେଟିସ ଇନସିପିଡସ୍ (B) ଉଚ୍ଚ ରକ୍ତଚାପ

(C) ହୃଦ୍‌ଘାତ୍ (D) ଡାଇବେଟିସ୍ ମେଲିଟସ୍

37. ତୁମ ଭଉଣୀ ସୁଭଦ୍ରା କହିଲା ''ମୋର ଯେତେ ପାଠ ପଢ଼ିଲେ ମଧ୍ୟ ମନେ ରହୁନାହିଁ ।'' ଏଥିପାଇଁ ମସ୍ତିଷ୍କର କେଉଁ ଅଂଶ ଦାୟୀ ବୋଲି ତୁମେ ଭାବୁଛ ?

(A) ପ୍ରାଣପାଳି (B) ପ୍ରମସ୍ତିଷ୍କ

(C) ପଶ୍ଚ ଅଗ୍ରମସ୍ତିଷ୍କ (D) ଅନୁମସ୍ତିଷ୍କ

38. ଡିପ୍ଲୋଟିନ୍ ଉପ ଅବସ୍ଥାରେ ଜିନ୍ ଆଦାନ ପ୍ରଦାନ ପ୍ରକ୍ରିୟା କେଉଁ ଅବସ୍ଥାକୁ ସୂଚାଏ ?

(A) ଆପୁଞ୍ଜନ (B) କାଏଜ୍‌ମାଟା

(C) ପାରାନ୍ତରଣ (D) ପାକିଟିନ

Eduodia App

Odisha 1 to 10 all books App

39. ମେଣ୍ଡେଲଙ୍କ କେଉଁ ନୀତି ବା ନିୟମ ଯୋଗୁ F_1 ପିଢ଼ିରେ କେବଳ ଗୋଟିଏ କାରକର ପ୍ରଭାବ ପରିଲକ୍ଷିତ ହୁଏ ?

(A) ଏକକ ଗୁଣ ନୀତି
(B) ପୃଥକ୍‌କରଣ ନିୟମ
(C) ପ୍ରଭାବିଗୁଣ ନୀତି
(D) ସ୍ୱାଧୀନ ଅପବ୍ୟୁହନ ନିୟମ

40. କେଉଁଟି ଏକ ନବୀକରଣ ଯୋଗ୍ୟ ଶକ୍ତିର ଉତ୍ସ ?

(A) ନାଭିକୀୟ ଶକ୍ତି
(B) ପେଟ୍ରୋଲିୟମ୍ ଶକ୍ତି
(C) ଜୀବାଶ୍ମ ଇନ୍ଧନ
(D) କୋକ୍

41. କେଉଁ ପ୍ରାଣୀ ଠାରେ ଆପେନ୍‌ଡିକ୍ସ କାର୍ଯ୍ୟକ୍ଷମ ଭାବେ ଥାଏ ?

(A) ବାଘ
(B) କୁକୁର
(C) ଛେଳି
(D) ବିଲେଇ

42. ଦ୍ୱି ସଙ୍କରଣ ପରୀକ୍ଷଣର F_2 ପିଢ଼ିରେ କେତୋଟି ଶୁଦ୍ଧ ଗୋଲ ଓ ହଳଦିଆ ଗଛ ଉତ୍ପନ୍ନ ହୋଇଥାଏ ?

(A) ଗୋଟିଏ
(B) ଦୁଇଟି
(C) ତିନୋଟି
(D) ଚାରୋଟି

43. N ପ୍ରକାର ସିଲିକନ୍ ପ୍ରସ୍ତୁତିରେ ସିଲିକନ୍ ସହ ବୋରନ୍ କାହିଁକି ମିଶାଯାଏ ନାହିଁ ?

(A) ବୋରନ୍ ଚତୁଃ ସଂଯୋଜୀ
(B) ବୋରନ୍ ତ୍ରୀ ସଂଯୋଜୀ
(C) ବୋରନ୍ ପଞ୍ଚ ସଂଯୋଜୀ
(D) ବୋରନ୍ ଦ୍ୱି ସଂଯୋଜୀ

44. ରାମର ମାଉସୀ ଶ୍ୱାସ ସମ୍ପର୍କିତ ରୋଗରେ ପୀଡ଼ିତ କାରଣ ସେ _____ ।

(A) ବିଦ୍ୟୁତ୍ ହିଟର୍‌ରେ ରୋଷେଇ କରନ୍ତି ।
(B) ଗୋବର ଗ୍ୟାସ୍‌ରେ ରୋଷେଇ କରନ୍ତି ।
(C) ଘସି ଜାଳି ରୋଷେଇ କରନ୍ତି ।
(D) ସୌର ଚୁଲ୍ଲାରେ ରୋଷେଇ କରନ୍ତି ।

45. ଏକ ଖାଦ୍ୟ ଶୃଙ୍ଖଳରେ ଚତୁର୍ଥ ଖାଦ୍ୟ ସ୍ତରରେ 5 କିଲୋ ଜୁଲ ଶକ୍ତି ମିଳେ । ତାହାହେଲେ ଉତ୍ପାଦକ ସ୍ତରରେ ମିଳୁଥିବା ଶକ୍ତିର ପରିମାଣ କେତେ ହେବ ?

(A) 5 କିଲୋ ଜୁଲ
(B) 50 ଜୁଲ
(C) 5000 କିଲୋ ଜୁଲ
(D) 500 ଜୁଲ

Eduodia App

Odisha 1 to 10 all books App

46. ସବୁଜ ଉଦ୍ଭିଦ ଖାଦ୍ୟ ଶୃଙ୍ଖଳର ପ୍ରଥମ ସ୍ତରରେ ରହିଥାଏ ଏହାର କାରଣ ହେଲା–

(A) ଏମାନେ ସବୁସ୍ଥାନରେ ଦେଖାଯାନ୍ତି ।

(B) ଏମାନେ ସୌରଶକ୍ତି କୁ ରାସାୟନିକ ଶକ୍ତିରେ ପରିଣତି କରିଥାନ୍ତି ।

(C) ଏମାନେ ପରିସଂସ୍ଥାରେ ସ୍ଥିର ଭାବେ ଥାନ୍ତି ।

(D) ପରିସଂସ୍ଥାରେ ଅଧିକ ତୃଣଭୋଜୀ ଥିବାରୁ ।

47. ଗୋଟିଏ ପ୍ଲାଷ୍ଟିକ ବୋତଲକୁ କାଟି ତୁମେ ଫୁଲଦାନୀ ଟିଏ ପ୍ରସ୍ତୁତ କଲ । ଏହା 5R ନୀତିର କେଉଁ ନୀତି ଅଟେ ?

(A) ସଂବରଣ (B) ପୁନଃ ବ୍ୟବହାର

(C) ପୁନଃ ଉପଯୋଗ (D) ପୁନଃ ଚକ୍ରଣ

48. IUCN ଦ୍ୱାରା ପ୍ରଣୀତ ରେଡ୍ ଡାଟାବୁକ ରେ କେଉଁ ରଙ୍ଗର ପୃଷ୍ଠାରେ ଲୁପ୍ତପ୍ରାୟ ଜାତି ବିଷୟରେ ଉଲ୍ଲେଖ ଅଛି ?

(A) ଲାଲ (B) ଗୋଲାପି

(C) ହଳଦିଆ (D) ସବୁଜ

49. ''କଳା ମୃତ୍ୟୁ'' କେଉଁ ରୋଗକୁ କୁହାଯାଏ ?

(A) ଏଡ୍‌ସ (B) ବସନ୍ତ

(C) ପ୍ଲେଗ (D) ହଇଜା

50. ଭୂତାଣୁ ନିରୂପଣରେ ଭୂତାଣୁର କେଉଁ ଅଂଶ ର ମୁଖ୍ୟ ଭୂମିକା ରହିଛି ?

(A) ଶ୍ୱେତସାର ଯୁକ୍ତ ପୁଷ୍ଟିସାର ବାହ୍ୟ ଅଂଶ (B) ଝିଲ୍ଲୀ ପୁଷ୍ଟିସାର ର ବାହ୍ୟ ଅଂଶ

(C) ନ୍ୟଷ୍ଟି ପୁଷ୍ଟିସାର ର ବାହ୍ୟ ଅଂଶ (D) ଆର୍ ଏନ୍ ଏ (RNA)

Eduodia App

Odisha 1 to 10 all books App

Subject : GENERAL SCIENCE (GSC)
MODEL QUESTION PAPER – 1
SUBJECTIVE

ଭୌତିକ ବିଜ୍ଞାନ

ସମୟ : 1 ଘଣ୍ଟା 30 ମିନିଟ୍ **ପୂର୍ଣ୍ଣ ସଂଖ୍ୟା : 50**

1. (a) ମନୁଷ୍ୟର ପରିପାକ ବ୍ୟବସ୍ଥାରେ pH ର ଭୂମିକା କ'ଣ ରହିଥାଏ ? ଦନ୍ତ କ୍ଷୟ ସହ pH ର ସଂମ୍ପର୍କ କ'ଣ ବୁଝାଅ । 4

କି ମ୍ବା

ଜାରଣ ଓ ବିଜାରଣ ପ୍ରତିକ୍ରିୟା କହିଲେ କ'ଣ ବୁଝ ? ଦୁଇଟି ଭିନ୍ନ ଭିନ୍ନ ରାସାୟନିକ ସମୀକରଣର ସାହାଯ୍ୟ ନେଇ ଜାରଣ ଓ ବିଜାରଣ ପ୍ରତିକ୍ରିୟା ବୁଝାଅ ।

(b) କାର୍ବନର ବିଭିନ୍ନ ରୂପ ଲେଖ । ''କାର୍ବନ ବହୁ ସଂଖ୍ୟାରେ ଯୌଗିକ ଗଠନ କରିବାରେ ସମର୍ଥ'' କାରଣ ସହ ଏହି ଉକ୍ତିର ସତ୍ୟତା ପ୍ରତିପାଦନ କର । 4

କି ମ୍ବା

ସୋଡିୟମ, ଅମ୍ଳଜାନ ଓ ମାଗ୍ନେସିୟମ ର ଇଲେକ୍‌ଟ୍ରୋନ ସଂରଚନା ଲେଖ । ଡଟ୍ ଓ କ୍ରସ ସଂରଚନା ମାଧ୍ୟମରେ ମାଗ୍ନେସିୟମ୍ ଅକ୍‌ସାଇଡ୍ ଏବଂ ସୋଡିୟମ୍ ଅକ୍‌ସାଇଡ୍ ର ଅଣୁ ଗଠନ ବୁଝାଅ ।

2. (a) ମେଣ୍ଡେଲିଫ୍‌ଙ୍କ ପର୍ଯ୍ୟାୟ ସାରଣୀର ତ୍ରୁଟିଗୁଡ଼ିକ ଉଲ୍ଲେଖ କର । 3

କି ମ୍ବା


ଗୋଟିଏ ଅବତଳ ଦର୍ପଣରେ ଫୋକସ୍ ଦୂରତା 20 ସେ.ମି । ଏକ ବସ୍ତୁ ଏହାର 30 ସେ.ମି. ସମ୍ମୁଖରେ ରହିଲେ,ଉପନ୍ନ ପ୍ରତିବିମ୍ବର ଅବସ୍ଥିତି, ପ୍ରକୃତି ଓ ଆକାର ନିର୍ଣ୍ଣୟ କର ।

(b) ଉତ୍ତଳ ଲେନ୍‌ସରେ ବସ୍ତୁର ଅବସ୍ଥାନ ଫୋକସ୍ ବିନ୍ଦୁ (F_1) ଓ ପୋଲ (P) ମଧ୍ୟରେ ରହିଲେ ସୃଷ୍ଟି ହେଉଥିବା ପ୍ରତିବିମ୍ବକୁ ରଶ୍ମୀ ଚିତ୍ର ମାଧ୍ୟମରେ ବୁଝାଅ । 3

କି ମ୍ବା

'ସୂର୍ଯ୍ୟାଲୋକ ସାତଟି ବର୍ଣ୍ଣର ଆଲୋକର ସମଷ୍ଟି' ଏହାକୁ ନିଉଟନ କିପରି ପ୍ରମାଣ କଲେ, ବୁଝାଅ ।

(c) ନିମ୍ନସ୍ଥ ବୈଦ୍ୟୁତିକ ପରିପଥରେ 'I_1'ର ମୂଲ୍ୟ ନିରୂପଣ କର । 3



କି ମ୍ବା

Odisha 1 to 10 all books App

10 ସେକେଣ୍ଡ ସମୟରେ ଗୋଟିଏ 5Ω ପ୍ରତିରୋଧ ବିଶିଷ୍ଟ ତାରର ଦୁଇ ପ୍ରାନ୍ତ ମଧ୍ୟରେ ବୈଦ୍ୟୁତିକ ବିଭବାନ୍ତର 60 V ହେଲେ, ଏହା ଦ୍ୱାରା ଉତ୍ପନ୍ନ ତାପର ପରିମାଣ କେତେ ହେବ ?

3. (a) ପ୍ରତିଜାରକ କାହାକୁ କୁହାଯାଏ ? ଗୋଟିଏ ଉଦାହରଣ ଦିଅ । 2

କିମ୍ବା

ଧାତୁ ଓ ଅମ୍ଳର ପ୍ରତିକ୍ରିୟାରେ ସାଧାରଣତଃ କେଉଁ ପ୍ରକାର ଉତ୍ପାଦ ସୃଷ୍ଟି ହୋଇଥାଏ ଲେଖ ।

(b) ହୋମୋଲୋଗସ୍ ଶ୍ରେଣୀ କାହାକୁ କୁହାଯାଏ ? ଗୋଟିଏ ଉଦାହରଣ ଦିଅ । 2

କିମ୍ବା

ପାରଦର ଧାତୁପିଣ୍ଡରୁ ପାରଦକୁ କିପରି ନିଷ୍କାସନ କରାଯାଏ ସମୀକରଣ ସହ ଲେଖ ।

(c) ପ୍ରତ୍ୟାବର୍ତ୍ତୀ ବିଦ୍ୟୁତ ସ୍ରୋତ (A.C) ଓ ସଳଖ ବିଦ୍ୟୁତ ସ୍ରୋତ (D.C) ମଧ୍ୟରେ ପାର୍ଥକ୍ୟ ଦର୍ଶାଅ । 2

କିମ୍ବା

ଦକ୍ଷିଣହସ୍ତ ବୃଦ୍ଧାଙ୍ଗୁଳି ନିୟମରେ ଓ ଫ୍ଲେମିଙ୍ଗଙ୍କ ବାମହସ୍ତ ନିୟମରେ ବୃଦ୍ଧାଙ୍ଗୁଳି ଯଥାକ୍ରମେ କାହାକୁ ସୂଚାଇଥାଏ ?

(d) ବ୍ୟାଟେରୀ, ମୁକ୍ତ ପ୍ଲଗ, ସଂଯୁକ୍ତ ତାର, ବିଦ୍ୟୁତ ବଲବ ଓ ଏକ ପ୍ରତିରୋଧୀର ସଂଙ୍କେତକୁ ନେଇ ବିଦ୍ୟୁତ ପରିପଥ ଅଙ୍କନ କର, ଯେଉଁଠାରେ ବଲବ୍ ଏବଂ ପ୍ରତିରୋଧୀ ସମାନ୍ତର ସଂଯୋଗରେ ରହିବେ । 2

କିମ୍ବା

220V ବିଶିଷ୍ଟ ବିଦ୍ୟୁତ ବିଭବାନ୍ତର ପରିପଥରେ 1500 Wର ଏକ ହିଟର ଚଳାଇବାକୁ କେତେ ଏମ୍ପିୟରର ଫ୍ୟୁଜ୍ ଲଗାଇବାକୁ ପଡ଼ିବ କଳନା କର ।

ଜୀବ ବିଜ୍ଞାନ

4. (a) ଆଲୋକଶ୍ଳେଷଣ ର ଆଲୋକ ପ୍ରକ୍ରିୟା ବର୍ଣ୍ଣନା କର । 4

କିମ୍ବା

ମଣିଷ ହୃତ୍‌ପିଣ୍ଡର ଆଭ୍ୟନ୍ତରୀଣ ଗଠନ ଏବଂ ରକ୍ତସଞ୍ଚାଳନ ବର୍ଣ୍ଣନା କର ।

(b) ଗ୍ଲୋମେରୁଲସ ର ଗଠନ ଓ କାର୍ଯ୍ୟ ବର୍ଣ୍ଣନା କର । 4

କିମ୍ବା

ନିମ୍ନ ଶ୍ରେଣୀ ଉଦ୍ଭିଦରେ ପରିଲକ୍ଷିତ ଅଲିଙ୍ଗୀ ଜନନ ପ୍ରକ୍ରିୟାର ପ୍ରକାର ଭେଦ ବର୍ଣ୍ଣନା କର ।

5. (a) ଡାରୱିନ୍‌ଙ୍କ ବିବର୍ତ୍ତନବାଦ ସମ୍ବନ୍ଧରେ ସଂକ୍ଷେପରେ ଲେଖ । 3

କିମ୍ବା

ସୂର୍ଯ୍ୟକୁ ସକଳ ଶକ୍ତିର ଆଧାର କହିବାର ତାତ୍ପର୍ଯ୍ୟ କ'ଣ ?

Odisha 1 to 10 all books App

(b) ସମଜାତ ଅଙ୍ଗ ଓ ଅନୁରୂପୀ ଅଙ୍ଗ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ । 3

କିମ୍ବା

ନାଭିକୀୟ ଶକ୍ତିରୁ ପ୍ରଚୁର ଶକ୍ତି ନିର୍ଗତ ହେଲେ ମଧ୍ୟ ଏହା କାହିଁକି ଶକ୍ତିର ବିନିଯୋଗ ଦିଗରେ ପ୍ରତିବନ୍ଧକ ଅଟେ ?

(c) ପରିସଂସ୍ଥାର ଅଜୈବିକ ଓ ଜୈବ ଗାଠନିକ ଉପାଦାନମାନଙ୍କ ମଧ୍ୟରେ ସଂପର୍କ ଏବଂ ଶକ୍ତି ତଥା ପୋଷକର ପ୍ରବାହର ଏକ ସରଳ ନକ୍ସା ଅଙ୍କନ କର । 3

କିମ୍ବା

ବୃଷ୍ଟିଜଳ ସଂରକ୍ଷଣ ପାଇଁ କି କି ଆବଶ୍ୟକୀୟ ପଦକ୍ଷେପ ନିଆଯାଇ ପାରିବ ?

6. (a) ଗ୍ଲାଇକୋଲିସିସ୍ ପ୍ରକ୍ରିୟାର ଏକ ସରଳ ସାଙ୍କେତିକ ଚିତ୍ର ପ୍ରଦାନ କର । 2

କିମ୍ବା

ଦ୍ୱୈତ ରକ୍ତ ସଞ୍ଚାଳନ କାହାକୁ କୁହାଯାଏ ?

(b) ଏଥିଲିନ୍ କି ପ୍ରକାର ହରମୋନ ଓ ଏହାର ଗୋଟିଏ କାର୍ଯ୍ୟ ଲେଖ । 2

କିମ୍ବା

ଅକ୍ସିଟୋସିନ୍ ହରମୋନର କାର୍ଯ୍ୟ ଲେଖ ।

(c) ତାପଗତି ବିଜ୍ଞାନର ପ୍ରଥମ ନିୟମଟି କ'ଣ ? 2

କିମ୍ବା

କୋଭିଡ୍-19 ର ନିୟନ୍ତ୍ରଣ ପାଇଁ ମାସ୍କର ଯତ୍ନ କିପରି ନେବା ଉଚିତ୍ ?

(d) ଜନବସତି ଓ ଜନସଂଖ୍ୟା ବୃଦ୍ଧି କିପରି ଜଙ୍ଗଲ ଓ ବନ୍ୟଜୀବ କ୍ଷୟର କାରଣ ତାହା ଉଲ୍ଲେଖ କର । 2

କିମ୍ବା

ପୃଥିବୀର ସର୍ବ ପ୍ରଥମ D.N.A ଆଧାରିତ କୋଭିଡ୍ ଟୀକାର ନାମ କ'ଣ ଓ ଏହାକୁ କିପରି ବ୍ୟବହାର କରାଯାଏ ?

Odisha 1 to 10 all books App

Subject : SOCIAL SCIENCE (SSC)
MODEL QUESTION PAPER – 1
OBJECTIVE

ଇତିହାସ ଓ ରାଜନୀତି ବିଜ୍ଞାନ

ସମୟ : 1 ଘଣ୍ଟା **ପୂର୍ଣ୍ଣ ସଂଖ୍ୟା : 50**

1. ୧୯୧୭ ରେ ଭାରତର ପ୍ରତି ରାଜ୍ୟରେ ଚାଷୀ ସମସ୍ୟା ଥିଲା କିନ୍ତୁ ଗାନ୍ଧିଜୀ ରାଜକୁମାର ଶୁକ୍ଲଙ୍କ ନିମନ୍ତ୍ରଣରେ କାହିଁକି ବିହାର ରାଜ୍ୟର ଚମ୍ପାରନକୁ ଯାଇଥିଲେ ?
   (A) ଇଂରେଜମାନେ ଚାଷୀମାନଙ୍କୁ ଚାହା ଚାଷ କରିବାକୁ ବାଧ କରୁଥିଲେ ।
   (B) ଇଂରେଜମାନେ ଚାଷୀମାନଙ୍କୁ ନୀଳ ଚାଷ କରିବାକୁ ବାଧ କରୁଥିଲେ ।
   (C) ଇଂରେଜମାନେ ଚାଷୀମାନଙ୍କୁ ଚାଷ ଜମି ହସ୍ତାନ୍ତର କରିବାକୁ ବାଧ କରୁଥିଲେ ।
   (D) ଜିଲ୍ଲା ଅଧିକାରୀ ଚାଷୀମାନଙ୍କ ଉପରେ କର ବସାଉଥିଲେ ।

2. ଗାନ୍ଧିଜୀ ଚୌରୀଚୌରା ଘଟଣା ପରେ ଅସହଯୋଗ ଆନ୍ଦୋଳନକୁ କାହିଁକି ସ୍ଥଗିତ ରଖିଥିଲେ ?
   (A) ବ୍ରିଟିଶମାନଙ୍କ ଆକ୍ରମଣରେ ଭୟଭୀତ ହୋଇ
   (B) ଜନସାଧାରଣଙ୍କ ସହଯୋଗ ମିଳି ନ ଥିବାରୁ
   (C) କଂଗ୍ରେସରେ ମତ ପାର୍ଥକ୍ୟ ଥିବାରୁ
   (D) ଆନ୍ଦୋଳନରେ ହିଂସା ଆଚରଣ କରାଯାଇଥିବାରୁ

3. ଆଇନ ଅମାନ୍ୟ ଆନ୍ଦୋଳନରେ ଗାନ୍ଧିଜୀ କାହିଁକି ଲୁଣ ମାରିବା ପାଇଁ ଚିନ୍ତା ପ୍ରକଟ କଲେ ?
   (A) ଏହା ସୌଖିନ ସାମଗ୍ରୀ ଥିଲା ।
   (B) ଏହି ସାମଗ୍ରୀରୁ ଇଂରେଜମାନେ କର ଆଦାୟ କରୁଥିଲେ ।
   (C) ମୁଖ୍ୟତଃ ଏହାକୁ ରପ୍ତାନୀ କରାଯାଉଥିଲା ।
   (D) ଲୁଣ, ଆନ୍ଦୋଳନକୁ କ୍ରିୟାଭିମୁଖୀ କରିପାରୁଥିଲା ।

4. ଭାରତ ଛାଡ଼ ଆନ୍ଦୋଳନକୁ କେଉଁ ଆନ୍ଦୋଳନ ସହ ତୁଳନା କରାଯାଏ ?
   (A) ଆମେରିକା ସ୍ୱାଧୀନତା ସଂଗ୍ରାମ (B) ଋଷ ବିପ୍ଳବ
   (C) ଜାର ଶାସନ ବିରୋଧରେ ସଂଗ୍ରାମ (D) ତୁର୍କୀ ବିଭାଜନ ସଂଗ୍ରାମ

5. ସୁଭାଷ ବୋଷଙ୍କ କେଉଁ ଗୁଣ ଯୋଗୁଁ ସେ ଜନ ସାଧାରଣଙ୍କ ପ୍ରିୟ ଭାଜନ ହୋଇପାରିଥିଲେ ?
   (A) ତାଙ୍କର ଅସୀମ ସାହସ ଓ ଦେଶପ୍ରେମ ।
   (B) ତାଙ୍କର ଅସୀମ ନେତୃତ୍ୱ ଓ ଦୃଢ ବ୍ୟକ୍ତିତ୍ୱ ନ ଥିଲା
   (C) ତାଙ୍କର ବୈଦେଶିକ କୂଟନୀତି ଭଲ ନଥିଲା ।
   (D) ସେ ନରମପନ୍ଥୀ ଥିଲେ ।

Odisha 1 to 10 all books App

6. ଭାଷା ଭିତ୍ତିକ ପ୍ରଦେଶ ଗଠନ ପାଇଁ କେଉଁ ସଭା ସୁପାରିସ୍ କରିଥିଲା ?

(A) ସମ୍ବିଧାନ ପ୍ରଣୟନ ସଭା
(B) ଭାଷାଭିତ୍ତିକ ସାମ୍ବିଧାନିକ ସଭା
(C) ଭାଷାଭିତ୍ତିକ ଆୟୋଗ
(D) ରାଜ୍ୟ ପୁନର୍ଗଠନ ଆୟୋଗ

7. ଉନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଓଡ଼ିଶାରେ କ'ଣ ପାଇଁ ଇଂରେଜ ଶିକ୍ଷାର ପ୍ରସାର ଘଟିଥିଲା ?

(A) ଇଂରେଜ ସରକାରଙ୍କ ମନୋଭାବ ପରିବର୍ତ୍ତନ
(B) ନ'ଅଙ୍କ ଦୁର୍ଭିକ୍ଷର ଭୟାବହତା
(C) ଓଡ଼ିଶା ଇଂରେଜମାନଙ୍କ ଦ୍ୱାରା ଅଧିକୃତ
(D) ଶିକ୍ଷିତ ଯୁବଗୋଷ୍ଠୀଙ୍କ ନୂତନ ଓଡ଼ିଶା ଗଠନର ସ୍ୱପ୍ନ

8. ବର୍ତ୍ତମାନର ଜଣେ ଛାତ୍ର ଉତ୍କଳ ସମ୍ମିଳନୀର ଲକ୍ଷ୍ୟରୁ କ'ଣ ଶିକ୍ଷା ଲାଭ କରେ ?

(A) ରାଜ୍ୟର ସୀମାରେଖା ଉପରେ ଗୁରୁତ୍ୱ
(B) ସାଂସ୍କୃତିକ ଏକତା ସଂରକ୍ଷଣ ଉପରେ ଗୁରୁତ୍ୱ
(C) ଅର୍ଥନୈତିକ ପରିବର୍ତ୍ତନର ଆବଶ୍ୟକତା
(D) ରାଜନୈତିକ ଏକତା ପାଇଁ ପ୍ରୟାସ

9. ଉତ୍କଳ ସମ୍ମିଳନୀର ସଫଳତା ପାଇଁ ମଧୁସୂଦନ ଦାସ କିପରି ଚେଷ୍ଟା କରିଥିଲେ ?

(A) ଜନଜାତିମାନଙ୍କୁ ଏକତ୍ରୀକରଣ କରାଇଥିଲେ
(B) ଓଡ଼ିଆମାନଙ୍କୁ ଏକତ୍ରୀ କରଣ କରିବା ପାଇଁ ଇଂରେଜମାନଙ୍କ ସହ ସାଲିସ କରିଥିଲେ
(C) ଓଡ଼ିଆ ସାହିତ୍ୟ ରଚନା କରି ଓଡ଼ିଆମାନଙ୍କୁ ଉତ୍ସାହିତ କରିଥିଲେ
(D) ସାମରିକ ଶକ୍ତି ସଂଗଠନ କରି ପରିଚାଳନା କରିଥିଲେ

10. ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା ସମୟରେ ଏହାର ପ୍ରାଥମିକ ଲକ୍ଷ୍ୟ କ'ଣ ଥିଲା ?

(A) ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର
(B) ସମଗ୍ର ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ
(C) ବ୍ରିଟିଶ ଉପନିବେଶବାଦ ସହ ପ୍ରତିଦ୍ୱନ୍ଦିତା କରିବା
(D) ଓଡ଼ିଶାରେ ଶିଳ୍ପର ବିକାଶ କରାଇବା

11. କେଉଁଟି ହରେକୃଷ୍ଣ ମହାତାବଙ୍କ ଉଲ୍ଲେଖନୀୟ କାର୍ଯ୍ୟ ନ ଥିଲା ?

(A) ଗଡ଼ଜାତ ରାଜ୍ୟ ମିଶ୍ରଣ
(B) ହୀରାକୁଦ ନଦୀବନ୍ଧ ଯୋଜନା
(C) ଭୁବନେଶ୍ୱରରେ ନୂଆ ରାଜଧାନୀ ପ୍ରତିଷ୍ଠା
(D) ଉପଦେଷ୍ଟା ପରିଷଦ ଗଠନ

Odisha 1 to 10 all books App

12. ଭାରତର ଗଣତନ୍ତ୍ରରେ ଜଣେ ନାଗରିକ କେଉଁ ସର୍ବୋଚ୍ଚ କ୍ଷମତାର ଅଧିକାରୀ ?

(A) ଦେଶ ଶାସନ (B) ଦେଶ ସୁରକ୍ଷା

(C) ସାର୍ବଭୌମ (D) ସ୍ୱାଧୀନତା ଓ ସମାନତା

13. ଭାରତ ସହିତ ଦେଶୀୟ ରାଜ୍ୟଗୁଡ଼ିକର ମିଶ୍ରଣ ପ୍ରକ୍ରିୟାରେ କାହାର କୂଟନୈତିକ ପରାମର୍ଶ ଅଧିକ ଫଳପ୍ରଦ ହୋଇଥିଲା ?

(A) ହରେକୃଷ୍ଣ ମହତାବ (B) ହେନେରୀ ରିସ୍‌ଲେ

(C) ସର୍ଦ୍ଦାର ବଲ୍ଲଭଭାଇ ପଟେଲ (D) ମହାତ୍ମାଗାନ୍ଧୀ

14. ରାଜା ଓ ରାଜକର୍ମଚାରୀମାନଙ୍କ ମଫସଲ ଗସ୍ତ ସମୟରେ ସେମାନଙ୍କ ଶିବିରରେ ମାଗଣା ଖାଦ୍ୟପେୟ ବନ୍ଦୋବସ୍ତ କରିବା ପ୍ରଥାକୁ ଗଡ଼ଜାତରେ କ'ଣ କୁହାଯାଉଥିଲା ?

(A) ଭେଟି (B) ମାଗଣ

(C) ରସଦ (D) ବେଠି

15. କେଉଁ ଦୁଇଟି ଉପନିବେଶକୁ ଭାରତର ରାଜନୀତିକ ପରିଧି ଭିତରକୁ ଫେରାଇ ଆଣିବା ସହକାରଙ୍କର ଏକ ପ୍ରମୁଖ ଆହ୍ୱାନ ଥିଲା ?

(A) ଗୋଆ ଓ ପୁଦୁଚେରୀ (B) ଦାଦ୍ରା ଓ ନଗର ହାବେଳୀ

(C) ଦାମନ ଓ ଡ଼ିଉ (D) ଗୋଆ ଓ ମାହେ

16. ୧୯୫୧ ରୁ ୧୯୫୬ ମସିହା ପର୍ଯ୍ୟନ୍ତ ପ୍ରଥମ ପଞ୍ଚବାର୍ଷିକ ଯୋଜନା କାଳରେ କେଉଁ କାର୍ଯ୍ୟ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଇଥିଲା ?

(A) କୃଷିଜାତ ଦ୍ରବ୍ୟର ଅଧିକ ଉତ୍ପାଦନ (B) ଆର୍ଥନୀତିକ ଆତ୍ମନିର୍ଭରଶୀଳତା

(C) କୃଷି ଓ ଜଳସେଚନ (D) ଦାରିଦ୍ର୍ୟ ଦୂରୀକରଣ

17. ଦୁର୍ଘଟଣାଗ୍ରସ୍ତ ଆହତଙ୍କୁ ତୁରନ୍ତ ଚିକିତ୍ସା ପ୍ରଦାନ କରି ଜୀବନ ବଞ୍ଚାଇବା ପାଇଁ ଓଡ଼ିଶା ସରକାର କେଉଁ ଆଇନ୍ ପ୍ରଣୟନ କରିଛନ୍ତି ?

(A) କେନ୍ଦ୍ରୀୟ ମୋଟର ଯାନ ଆକ୍ଟ ୨୦୧୯ (B) ଓଡ଼ିଶା ଗୁଡ୍ ସମରିଟାନ ନୀତି

(C) ଓଡ଼ିଶା ମୋଟର ଯାନ ଆକ୍ଟ (D) ହିଟ୍ ଆଣ୍ଡ ରନ୍ ମୋଟରଯାନ ଆକ୍ଟ

18. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଭାରତର ବୈଦେଶିକ ନୀତିର ବୈଶିଷ୍ଟ୍ୟ ନୁହେଁ ?

(A) ଗୋଷ୍ଠୀ ନିରପେକ୍ଷତା (B) ଶାନ୍ତିପୂର୍ଣ୍ଣ ସହାବସ୍ଥାନ

(C) ଉପନିବେଶବାଦ (D) ଆନ୍ତର୍ଜାତିକ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ

Odisha 1 to 10 all books App

19. ସ୍ୱାଧୀନୋତ୍ତର ଓଡ଼ିଶାର ବିକାଶ ପରିପ୍ରେକ୍ଷୀରେ କେଉଁଟି ''ସାମାଜିକ ବିକାଶ'' କ୍ଷେତ୍ର ଅନ୍ତର୍ଭୁକ୍ତ ନୁହେଁ ?

(A) ଶିଶୁ ବିକାଶ କାର୍ଯ୍ୟକ୍ରମ
(B) ସାମାଜିକ ନିରାପତ୍ତା
(C) ବୈଷୟିକ ଶିକ୍ଷା
(D) ଗ୍ରାମାଞ୍ଚଳର ବିକାଶ

20. ''ସର୍ବଶିକ୍ଷା ଅଭିଯାନ'' (ଏସ୍ ଏସ୍ ଏ) ଯୋଜନା ମାଧ୍ୟମରେ ସରକାରଙ୍କ ଦ୍ୱାରା କେଉଁ କାର୍ଯ୍ୟକୁ ଗୁରୁତ୍ୱ ପ୍ରଦାନ କରାଯାଇଛି ?

(A) ସମସ୍ତ ଶିଶୁଙ୍କ ପାଖରେ ପ୍ରାଥମିକ ଶିକ୍ଷା ସୁବିଧାକୁ ପହଞ୍ଚାଇବା
(B) ନୂତନ ବିଦ୍ୟାଳୟ ସ୍ଥାପନ
(C) ଉତ୍ତମ ଗୁଣବତ୍ତାଭିତ୍ତିକ ଶିକ୍ଷାଦାନ
(D) ମଡେଲ୍ ସ୍କୁଲ ପ୍ରତିଷ୍ଠା

21. ସ୍ୱାଧୀନତା ପ୍ରାପ୍ତି ବେଳକୁ ଓଡ଼ିଶାରେ ଶିଳ୍ପାୟନ ସମ୍ଭବ ନହେବା ପାଇଁ ନିମ୍ନୋକ୍ତ କେଉଁ କାରଣ ଦାୟୀ ?

(i) ଉଦ୍ୟୋଗପତିଙ୍କ ଅଭାବ
(ii) ପୁଞ୍ଜିର ଅଭାବ
(iii) ଓଡ଼ିଶା ଭିତରୁ ବା ବାହାରୁ ଓଡ଼ିଶାରେ ପୁଞ୍ଜିନିବେଶ ଅନାଗ୍ରହ
(iv) ଜଳା ଭାବ

(A) କେବଳ (i)
(B) କେବଳ (i) ଓ (iv)
(C) କେବଳ (i),(ii) ଓ (iv)
(D) କେବଳ (i),(ii) ଓ (iii)

22. ଜାତୀୟ ରାଜପଥ ୫୫ ଓଡ଼ିଶାର କେଉଁ ସହର ଦେଇ ଯାଇନାହିଁ ?

(A) କଟକ
(B) ଭୁବନେଶ୍ୱର
(C) ଅନୁଗୁଳ
(D) ସମ୍ବଲପୁର

23. ନିମ୍ନୋକ୍ତ ମଧ୍ୟରୁ କେଉଁଟି 'ଓଡ଼ଶା ଶକ୍ତି ଉତ୍ପାଦନ ନିଗମ'ର କାର୍ଯ୍ୟ ପରିସରଭୁକ୍ତ ?

(A) ବିଦ୍ୟୁତ ସରବରାହ ଓ ବିତରଣ
(B) ଜଳ ବିଦ୍ୟୁତ କେନ୍ଦ୍ରର ଦାୟିତ୍ୱ
(C) ତାପଜ ବିଦ୍ୟୁତ ଶକ୍ତିକେନ୍ଦ୍ର ପରିଚାଳନା
(D) ଉଭୟ ଜଳ ଓ ତାପଜ ବିଦ୍ୟୁତ୍ କେନ୍ଦ୍ର ପରିଚାଳନା ଦାୟିତ୍ୱ

Eduodia App

Odisha 1 to 10 all books App

24. ସମୟାନୁସାରେ ନିମ୍ନୋକ୍ତ ଘଟଣାବଳୀଗୁଡ଼ିକ ମଧ୍ୟରୁ କେଉଁ ଘଟଣାଟି ଠିକ୍ ନୁହେଁ ?

ମସିହା	ଘଟଣାବଳୀ
(A) ୧୯୬୨	ଭାରତ-ପାକିସ୍ଥାନ ଯୁଦ୍ଧ
(B) ୧୯୩୯	ଜର୍ମାନୀ-ବ୍ରିଟିଶ ଯୁଦ୍ଧ
(C) ୧୮୧୨	ରୁଷିଆ-ଫ୍ରାନ୍ସ ଯୁଦ୍ଧ
(D) ୧୯୭୧	ବାଙ୍ଗଲାଦେଶ-ପାକିସ୍ଥାନ ଯୁଦ୍ଧ

25. ସଂପୃକ୍ତ ଠିକ୍ ଯୋଡ଼ିକୁ ବାଛି ଲେଖ ।

(A) ମିଆଁମାର - ୟାନ୍‌ଗନ୍ (B) ବଙ୍ଗଳାଦେଶ - ଇସ୍‌ଲାମାବାଦ

(C) ଭୂଟାନ - ସିଂହଳ (D) ତିବ୍ବତ - 'ବଫର' ଅଞ୍ଚଳ

ଭୂଗୋଳ ଓ ଅର୍ଥନୀତି

26. କେଉଁଟି ପୁନରୁଦ୍ଧାର ଅଯୋଗ୍ୟ ସମ୍ବଳ ଅଟେ ?

(A) କୋଇଲା (B) ମୃତ୍ତିକା

(C) ଲୁହାପଥର (D) ଆଲୁମିନିୟମ୍

27. ଅରଣ୍ୟ କ୍ଷୟର ମୁଖ୍ୟ କାରଣଗୁଡ଼ିକ ନିମ୍ନୋକ୍ତ ମଧ୍ୟରୁ କେଉଁଟି ଅଟେ ?

(A) ସାମାଜିକ ବନୀକରଣ (B) ନଗରୀକରଣ

(C) ପୁନଃ ବନୀକରଣ (D) କୃଷିକ୍ଷେତ୍ରୀୟ ବନୀକରଣ

28. କୃଷ୍ଣ ମୃତ୍ତିକା କେଉଁ ଶିଳାରୁ ସୃଷ୍ଟି ହୋଇଥାଏ ?

(A) ରୂପାନ୍ତରିତ ଶିଳା (B) ଅବକ୍ଷିପ୍ତ ଶିଳା

(C) ବାସାଲ୍‌ଟ୍ ଶିଳା (D) ଗ୍ରାନାଇଟ୍ ଶିଳା

29. ୨୦୧୯ ଅରଣ୍ୟ ଅବସ୍ଥାର ବିବରଣୀ ଅନୁଯାୟୀ ଅରଣ୍ୟର ଆୟତନ ୨୦୧୭ ପରେ ପ୍ରାୟ ୩୯୭୬ ବର୍ଗ କି.ମି ବୃଦ୍ଧିପାଇଛି । ଏହା କେଉଁ ବନୀକରଣ ଯୋଗୁଁ ସମ୍ଭବ ହୋଇପାରିଛି ?

(A) ସାମାଜିକ ବନୀକରଣ (B) କୃଷିକ୍ଷେତ୍ରୀୟ ବନୀକରଣ

(C) ପୁନଃ ବନୀକରଣ (D) ସହରାଞ୍ଚଳ ବନୀକରଣ

30. ଓଡ଼ିଶାର କୋରାପୁଟ ଜିଲ୍ଲାରେ ୧୦୦ ହେକ୍ଟର ଅରଣ୍ୟ ସରକାରଙ୍କ ତତ୍ତ୍ୱାବଧାନରେ ରହିଛି । ତଥାପି ସେଠାର ଜନଜାତିମାନଙ୍କୁ ଉକ୍ତ ଜଙ୍ଗଲରୁ କାଷ୍ଠ ସଂଗ୍ରହ ଓ ପଶୁଚାରଣ ପାଇଁ ଅନୁମତି ଥାଏ । ଏହା କେଉଁ ପ୍ରକାର ଅରଣ୍ୟର ଅନ୍ତର୍ଭୁକ୍ତ ଅଟେ ?

(A) ସୁରକ୍ଷିତ ଅରଣ୍ୟ (B) ଅବର୍ଗୀକୃତ ଅରଣ୍ୟ

(C) ସଂରକ୍ଷିତ ଅରଣ୍ୟ (D) ଗୋଷ୍ଠୀ ଅରଣ୍ୟ

Odisha 1 to 10 all books App

31. ବିଗତ ଦିନ ମାନଙ୍କରେ ଓଡ଼ିଶାରେ ଆଳୁର ଚାହିଦା, ଉତ୍ପାଦନ ଅପେକ୍ଷା ଯଥେଷ୍ଟ ବୃଦ୍ଧି ପାଇଥିବାରୁ ବ୍ୟବସାୟୀମାନେ ଅଧିକ ଲାଭ ପାଇଁ ଦରଦାମ ବୃଦ୍ଧି କରିଛନ୍ତି । ଏହା କେଉଁ ପ୍ରକାର ମୁଦ୍ରାସ୍ଫୀତିର ଉଦାହରଣ ଅଟେ ?

(A) ସାଧାରଣ ମୁଦ୍ରାସ୍ଫୀତି
(B) ମୂଲ୍ୟ-ପ୍ରଣୋଦିତ ମୁଦ୍ରାସ୍ଫୀତି
(C) ଚାହିଦା-ଆକର୍ଷଣ ମୁଦ୍ରାସ୍ଫୀତି
(D) ଯୋଗାଣ ଅଭିପାତ ମୁଦ୍ରାସ୍ଫୀତି

32. ନିମ୍ନୋକ୍ତ କେଉଁ ଖଣିଜ ପଦାର୍ଥର ସୃଷ୍ଟିପ୍ରଣାଳୀ ଅନ୍ୟଗୁଡ଼ିକ ଠାରୁ ଭିନ୍ନ ଅଟେ ?

(A) ସୁନା
(B) ରୂପା
(C) ଟିଣ
(D) ବକ୍‌ସାଇଟ୍

33. ହୀରାକୁଦ ନଦୀବନ୍ଧ ସହ ମହାନଦୀର ଯେଉଁ ସମ୍ପର୍କ ରହିଛି ନାଗାର୍ଜୁନ ସାଗର ଯୋଜନା ସହ କେଉଁ ନଦୀର ସେହି ସମ୍ପର୍କ ରହିଛି ?

(A) କୃଷ୍ଣା
(B) ଗୋଦାବରୀ
(C) ବେୟାସ
(D) ତୁଙ୍ଗଭଦ୍ରା

34. ଲୌହ-ଇସ୍ପାତ କାରଖାନାରେ ବ୍ଲାଷ୍ଟଫରନେସ୍‌ରେ ଲୁହାପଥର ଗଳନ ପାଇଁ କେଉଁ ପ୍ରକାରର କୋଇଲା ବ୍ୟବହାର କରାଯାଏ ?

(A) ଆନ୍ଥ୍ରାସାଇଟ୍
(B) ଲିଗ୍‌ନାଇଟ୍
(C) ବିଟୁମିନସ୍
(D) ପିଟ୍

35. ଠିକ୍ ଉତ୍ତରଟିକୁ ବାଛି ଶୂନ୍ୟସ୍ଥାନ ପୂରଣ କର :
ଇଲେକ୍‌ଟ୍ରୋନିକସ୍ ଶିଳ୍ପ : ଅଭ୍ର :: ସିମେଣ୍ଟ ଶିଳ୍ପ _____

(A) କୋଇଲା
(B) ଲୁହାପଥର
(C) ମାଙ୍ଗାନିଜ୍
(D) ଚୂନପଥର

36. ଜଣେ ବ୍ୟକ୍ତି କୋଲ୍‌କତାରୁ ଟ୍ରେନରେ ଭୁବନେଶ୍ୱର ଦେଇ ଚେନ୍ନାଇ ଯାତ୍ରା କରୁଥିଲେ । ସେ ବାଟରେ ଅତିକ୍ରମ କରିଥିବା ନଦୀଗୁଡ଼ିକର ଠିକ୍ କ୍ରମଟି ଦର୍ଶାଅ :

(A) ସୁବର୍ଣ୍ଣରେଖା, ମହାନଦୀ, ଗୋଦାବରୀ, କୃଷ୍ଣା
(B) ମହାନଦୀ, ଗୋଦବରୀ, କୃଷ୍ଣା, ସୁବର୍ଣ୍ଣରେଖା
(C) ଗୋଦାବରୀ, କୃଷ୍ଣା, ସୁବର୍ଣ୍ଣରେଖା, ମହାନଦୀ
(D) କୃଷ୍ଣା, ସୁବର୍ଣ୍ଣରେଖା, ମହାନଦୀ, ଗୋଦାବରୀ

37. ବାଲେଶ୍ୱରରେ ରାକେଶବାବୁଙ୍କର ଘର, ସେ ବାଲେଶ୍ୱରର ଏକ ଗହଣା ଦୋକାନରୁ ସୁନା ଗହଣା କିଣିଥିଲେ । ମାତ୍ର ପରେ ଏହା ନକଲି ବୋଲି ଜାଣି ପାରିଲେ, ତେବେ ସେ ଦୋକାନୀ ବିରୁଦ୍ଧରେ କେଉଁଠାରେ ନିଜର ଅଭିଯୋଗ ଉପସ୍ଥାପନ କରିବେ ?

(A) ଜାତୀୟ ଖାଉଟି କମିଶନ
(B) ରାଜ୍ୟ ଖାଉଟି କମିଶନ
(C) ଜିଲ୍ଲା ଖାଉଟି କମିଶନ
(D) ଜିଲ୍ଲା ବିଚାର ମଞ୍ଚ

Odisha 1 to 10 all books App

38. କେଉଁ ତାରିଖଟି 'ବିଶ୍ୱ ଖାଉଟି ଦିବସ' ରୂପେ ପାଳନ କରାଯାଉଛି ?

(A) ଫେବୃୟାରୀ ୧୭ (B) ମାର୍ଚ୍ଚ ୧୫

(C) ଡିସେମ୍ବର ୨୪ (D) ନଭେମ୍ବର ୨୩

39. ନିମ୍ନୋକ୍ତ ମଧ୍ୟରୁ କେଉଁ ଉକ୍ତିଟି ଭାରତରେ ଧାନ ଫସଲ ପାଇଁ ଉପଯୁକ୍ତ ନୁହେଁ ?

(A) ସାଧାରଣତଃ ଏହି ଚାଷ ପାଇଁ ବର୍ଷାଋତୁ ଅନୁକୂଳ ଅଟେ ।

(B) ୧୦୦ ସେ.ମି. ରୁ ୨୦୦ ସେ.ମି. ବୃଷ୍ଟିପାତ ଆବଶ୍ୟକ ।

(C) ଏହା ଭାରତରେ ମୁଖ୍ୟ ଖାଦ୍ୟ ଦ୍ରବ୍ୟ ଅଟେ ।

(D) ଉତ୍ତର ଭାରତ ଓ ଉତ୍ତର ପଶ୍ଚିମ ଭାରତୀୟମାନଙ୍କର ମୁଖ୍ୟ ଖାଦ୍ୟ ଦ୍ରବ୍ୟ ଅଟେ ।

40. ନିମ୍ନୋକ୍ତ କେଉଁ ଯୋଡ଼ିଟି ଯଥାକ୍ରମେ ପ୍ରୟୋଜନ ଭିତ୍ତିକ ଓ ବାଣିଜ୍ୟିକ କୃଷିର ଉଦାହରଣ ଅଟେ ?

(A) ଧାନ ଓ ଆଖୁ (B) କମଳା ଓ କଦଳୀ

(C) ନଳିତା ଓ ରବର (D) କଫି ଓ ମକା

41. କୁଟୀର ଶିଳ୍ପ ସମ୍ବନ୍ଧରେ କେଉଁ ଉକ୍ତିଟି ଠିକ୍ ଅଟେ ?

(A) ପିତ୍ତଳ ଓ କଂସାବାସନ ପ୍ରସ୍ତୁତି କୁଟୀର ଶିଳ୍ପର ଅନ୍ତର୍ଗତ ଅଟେ ।

(B) ଅଳ୍ପ ପୁଞ୍ଜି ବିନିଯୋଗ ଓ କମ୍ ସଂଖ୍ୟାରେ ମଜୁରିଭୋଗୀ ଶ୍ରମିକ ନିଯୁକ୍ତ ହୋଇଥାନ୍ତି ।

(C) ଟେଲିଭିଜନ ସେଟ୍ ଉତ୍ପାଦନ କୁଟୀର ଶିଳ୍ପର ଅନ୍ତର୍ଭୁକ୍ତ ଅଟେ ।

(D) କୁଟୀର ଶିଳ୍ପରେ ଶକ୍ତିଶାଳୀ ଯନ୍ତ୍ରପାତି ସାହାଯ୍ୟରେ ଦ୍ରବ୍ୟ ଉତ୍ପାଦିତ ହୋଇଥାଏ ।

42. ତୁମ ଗ୍ରାମ ନିକଟରେ ଏକ ଲୌହ ଇସ୍ପାତ ଶିଳ୍ପ ପ୍ରତିଷ୍ଠା ହୋଇଛି । ଏହା ପାଇଁ ତୁମ ଗ୍ରାମ ପରିବେଶ ଉପରେ କି ପ୍ରଭାବ ପଡ଼ିବ ?

(A) କାରଖାନାରୁ ନିର୍ଗତ ଧୂଆଁ ଜଳକୁ ବେଶୀ ପ୍ରଦୂଷିତ କରିବ ।

(B) ଶିଳ୍ପହେତୁ ଗ୍ରାମ ପରିବେଶ ସଫାସୁତୁରା ରହିବ ।

(C) ଶିଳ୍ପ ପ୍ରତିଷ୍ଠା ଫଳରେ କୃଷିକାର୍ଯ୍ୟରେ ଉନ୍ନତି ଘଟିବ ।

(D) ଗ୍ରାମର ଜଳ, ସ୍ଥଳ ଓ ବାୟୁମଣ୍ଡଳ ପ୍ରଦୂଷିତ ହେବ ।

43. ବିଶ୍ୱ ବାଣିଜ୍ୟ ସଂଗଠନ କାହିଁକି ସୃଷ୍ଟି କରାଯାଇଥିଲା ?

(A) ପୃଥିବୀର ନିର୍ଦ୍ଦିଷ୍ଟ ଦେଶମାନଙ୍କ ମଧ୍ୟରେ ଦ୍ରବ୍ୟ ଓ ସେବା ବିନିମୟ ନ କରି ବାଣିଜ୍ୟ କାରବାର ବୃଦ୍ଧି କରାଇବା ।

(B) ବିକଶିତ ଦେଶମାନଙ୍କର ଆର୍ଥିକ ବ୍ୟବସ୍ଥାରେ ସୁଧାର ଆଣିବା ।

(C) ବିଶ୍ୱ ଅର୍ଥନୀତିକୁ ସମୃଦ୍ଧି ଓ ସୁଦୃଢ଼ କରି ଗଢ଼ିତୋଳିବା ।

(D) ଆମଦାନି ଓ ରପ୍ତାନି ନିୟମକୁ କଡ଼ାକଡ଼ି ପାଳନ କରି ଟିକସ ବୃଦ୍ଧି କରିବା ।

Odisha 1 to 10 all books App

44. ଆମ ଦେଶରେ ଦାରିଦ୍ର୍ୟ ଦେଖାଯିବାର କାରଣ କ'ଣ ?

(A) ଅଧିକାଂଶ ବ୍ୟକ୍ତିଙ୍କର ଉଚ୍ଚସ୍ତରର ଆୟ ।

(B) ଲୋକମାନଙ୍କ ମଧ୍ୟରେ ଭୂମି ଓ ସମ୍ପତ୍ତି ବଣ୍ଟନରେ ଅସମାନତା

(C) ଜନସଂଖ୍ୟାର ଦ୍ରୁତ ବୃଦ୍ଧିହାର ନଘଟିବା ।

(D) ନିଯୁକ୍ତି ସୁଯୋଗର ଅଭାବ ନ ରହିବା ।

45. ଭାରତର ଉତ୍ତର-ପୂର୍ବ ରେଳପଥର ମୁଖ୍ୟ କାର୍ଯ୍ୟାଳୟ କେଉଁଟି ?

(A) ନିଉଦିଲ୍ଲୀ (B) କୋଲ୍‌କାତା

(C) ଗୋରଖପୁର (D) ଆହ୍ଲାବାଦ

46. ବିଷୁବରେଖା ନିକଟରେ ବାତାବର୍ତ୍ତ ସୃଷ୍ଟି ନ ହେବାର କାରଣ କ'ଣ ?

(A) କୋରିଓଲିସ୍ ବଳ ସବଳହେତୁ (B) କୋରିଓଲିସ୍ ବଳ ଦୁର୍ବଳ ହେତୁ

(C) କେନ୍ଦ୍ରାଭିମୁଖୀ ବଳ ହେତୁ (D) କେନ୍ଦ୍ରଅସାରୀ ବଳ ହେତୁ

47. ଭାରତ ତଥା ଦକ୍ଷିଣ-ପୂର୍ବ ଏସିଆରେ ମୌସୁମୀ ବାୟୁ ପ୍ରବାହ ଦୁର୍ବଳ ହେବାର ମୁଖ୍ୟ କାରଣଟି କ'ଣ ?

(A) ଦକ୍ଷିଣ ପ୍ରଶାନ୍ତ ମହାସାଗରରେ ବାୟୁଚାପ ଜନିତ ପାର୍ଥକ୍ୟ

(B) ଉତ୍ତର ପ୍ରଶାନ୍ତ ମହାସାଗରରେ ବାୟୁଚାପ ଜନିତ ପାର୍ଥକ୍ୟ

(C) ଆଟ୍‌ଲାଣ୍ଟିକ୍ ମହାସାଗରରେ ବାୟୁଚାପ ଜନିତ ପାର୍ଥକ୍ୟ

(D) ଭାରତ ମହାସାଗରରେ ବାୟୁଚାପ ଜନିତ ପାର୍ଥକ୍ୟ

48. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଉତ୍ପାଦନକୁ ପ୍ରଭାବିତ କରୁଥିବା କାରକ ନୁହେଁ ?

(A) ଭୂମି (B) ଶ୍ରମ

(C) ପୁଞ୍ଜି (D) ଖାଉଟି

49. ଜଣେ ଛତା ବ୍ୟବସାୟୀ ବର୍ଷର ଗ୍ରୀଷ୍ମ/ବର୍ଷାଋତୁ ବ୍ୟତୀତ ଅନ୍ୟ ସମୟରେ ବେକାର ରହିଥାନ୍ତି । ସେମାନଙ୍କୁ କି ପ୍ରକାର ବେକାରୀ ଅନ୍ତର୍ଭୁକ୍ତ କରାଯାଇପାରିବ ?

(A) ପ୍ରଚ୍ଛନ୍ନ ବେକାରୀ (B) ସଂସ୍ଥାନୀୟ ବେକାରୀ

(C) ଋତୁକାଳୀନ ବେକାରୀ (D) ପ୍ରାବିଧିକ ବେକାରୀ

50. ସ୍ୱର୍ଣ୍ଣ ଚତୁର୍ଭୁଜ ମହାରାଜମାର୍ଗ ସଂଯୁକ୍ତ କରୁଥିବା ସହରଗୁଡ଼ିକ କ'ଣ କ'ଣ ?

(A) ଦିଲ୍ଲୀ, ତ୍ରିପୁରା, ମୁମ୍ବାଇ, ଚେନ୍ନାଇ (B) ଦିଲ୍ଲୀ, କୋଲ୍‌କାତା, ମୁମ୍ବାଇ, ବେଙ୍ଗାଲୁରୁ

(C) ଦିଲ୍ଲୀ, କୋଲ୍‌କାତା, ମୁମ୍ବାଇ, ଚେନ୍ନାଇ (D) ପୁନେ, ଶ୍ରୀନଗର, ବେଙ୍ଗାଲୁରୁ, କୋଲ୍‌କାତା

Odisha 1 to 10 all books App

Subject : Social Science (SSC)
MODEL QUESTION PAPER – 1
SUBJECTIVE
ଇତିହାସ ଓ ରାଜନୀତି ବିଜ୍ଞାନ

ସମୟ : 1 ଘଣ୍ଟା 30 ମିନିଟ୍ **ପୂର୍ଣ୍ଣ ସଂଖ୍ୟା : 50**

1. (a) ଅସହଯୋଗ ଆନ୍ଦୋଳନ ଚାଲିଥିବା ସମୟରେ ସ୍ୱେଚ୍ଛାସେବୀ ଓ କର୍ମୀମାନଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ଓଡ଼ିଶାର କେଉଁ ସ୍ଥାନରେ ଆଶ୍ରମ ମାନ ଗଢ଼ି ଉଠିଥିଲା ଓ କେଉଁ ସବୁ ଶିକ୍ଷା ପ୍ରଦାନ କରାଯାଇଥିଲା ? 4

କି ମ୍ବା

ଦକ୍ଷିଣ ଆଫ୍ରିକାରେ ଭାରତୀୟମାନେ କିପରି ଶ୍ୱେତାଙ୍ଗ ଇଂରେଜମାନଙ୍କ ଦ୍ୱାରା ଅତ୍ୟାଚାରିତ ହୋଇଥିଲେ ?

(b) ଗଞ୍ଜାମବାସୀଙ୍କ ଓଡ଼ିଶା ସହ ମିଶ୍ରଣ ଦାବୀକୁ ପୂରଣ କରିବା ପାଇଁ ଇଂରେଜ ସରକାର କେବେ ଓ କେଉଁ କମିଟି ଗଠନ କରିଥିଲେ ? ଏହାର ସୁପାରିଶଗୁଡ଼ିକ କ'ଣ ଥିଲା ? 4

କି ମ୍ବା

କେଉଁମାନେ ଓଡ଼ିଆ ଭାଷାକୁ ସ୍ୱତନ୍ତ୍ର ଭାଷାରେ ପରିଣତ କରିବା ପାଇଁ ସପକ୍ଷ ଓ ବିପକ୍ଷରେ ମତ ପ୍ରଦାନ କରିଥିଲେ ?

2. (a) ସ୍ୱାଧୀନତା ପରେ ନୀରିହ ଆଦିବାସୀମାନଙ୍କୁ ଗ୍ରାମ୍ୟ ମହାଜନଙ୍କ କବଳରୁ ଉଦ୍ଧାର କରିବା ପାଇଁ ସରକାର ନେଇଥିବା ତିନୋଟି ପଦକ୍ଷେପ ଉଲ୍ଲେଖ କର । 3

କି ମ୍ବା

'ମିଶନଶକ୍ତି' କେବେ ଓ କେଉଁ ଉଦ୍ଦେଶ୍ୟରେ ଆରମ୍ଭ କରାଯାଇଥିଲା ?

(b) ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ (ଆର୍.ଏମ୍.ଏସ୍.ଏ) ଓଡ଼ିଶାରେ କେବେ କାର୍ଯ୍ୟକାରୀ ହୋଇଥିଲା ? ଏହାର ଦୁଇଟି ମୂଳଲକ୍ଷ୍ୟ କ'ଣ ଥିଲା ? 3

କି ମ୍ବା

'ହୀରାକୁଦ ନଦୀବନ୍ଧ ଯୋଜନା'ର ନିର୍ମାଣ କାର୍ଯ୍ୟ କେବେ ଶେଷ ହୋଇଥିଲା ? ଏହାର ମୁଖ୍ୟ ଉଦ୍ଦେଶ୍ୟ କ'ଣ ଥିଲା ?

(c) ଋଷିଆର ସାମ୍ୟବାଦ ନୀତିକୁ ପ୍ରତିହତ କରିବା ପାଇଁ ଯୁକ୍ତରାଷ୍ଟ୍ର ଆମେରିକା ନେତୃତ୍ୱରେ କେଉଁ ସବୁ ସାମରିକ ଚୁକ୍ତି ପ୍ରଣୟନ କରାଯାଇଥିଲା ? ଏଥିରେ ଭାରତର ଆଭିମୁଖ୍ୟ କ'ଣ ଥିଲା ? 3

କି ମ୍ବା

ସଂଶୋଧିତ ମୋଟରଯାନ ଆକ୍ଟ ୨୦୧୯ ରେ ଥିବା ତିନିଗୋଟି ନୀତି ବା ନିୟମ ଉଲ୍ଲେଖ କର ।

Odisha 1 to 10 all books App

3. (a) ''ରାଓ ଲାଟ୍ ଆଇନ୍'' କିଏ ଓ କାହିଁକି ପ୍ରଣୟନ କରିଥିଲେ ? 2

କି ମ୍ବା

କେଉଁ ସରକାରଙ୍କୁ ଅନୁସରଣ କରି ସୁଭାଷ ବୋଷ କେବେ ଆଜାଦ୍ ହିନ୍ଦ୍ ସରକାର ଗଠନ କରିଥିଲେ ?

(b) ଭାରତରେ କେବେ ସ୍ୱାୟତ୍ତଶାସନ ବ୍ୟବସ୍ଥା ପ୍ରଚଳନ କରାଯାଇଥିଲା ? 2

କି ମ୍ବା

ଉନବିଂଶ ଶତାବ୍ଦୀରେ ଓଡ଼ିଶାରେ ପ୍ରଚଳିତ ହୋଇଥିବା ମହିମା ଧର୍ମର ପ୍ରବର୍ତ୍ତକ ଓ ମୁଖ୍ୟ ପ୍ରଚାରକ କିଏ ଥିଲେ ?

(c) ନିଶାସକ୍ତ ବେପରୁଆ ଗାଡ଼ିଚାଳକଙ୍କୁ ସାବାଡ୍ କରିବା ପାଇଁ କେଉଁ ମସିହାଠାରୁ କି ପ୍ରକାର ଦଣ୍ଡ ଦେବାର ବ୍ୟବସ୍ଥା କରାଯାଇଛି ? 2

କି ମ୍ବା

'ଦିଲ୍ଲୀ ଘୋଷଣାନାମା' କେବେ ଓ କେଉଁ ଦୁଇଟି ରାଷ୍ଟ୍ରଙ୍କ ମୁଖ୍ୟ ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା ?

(d) ସବୁଜ ଯାନ କ'ଣ ? ବର୍ତ୍ତମାନ ସମୟରେ ଏହାକୁ କାହିଁକି ଗୁରୁତ୍ୱ ପ୍ରଦାନ କରାଯାଉଛି ? 2

କି ମ୍ବା

ଋଷିଆ ଭାରତର କେଉଁ ସବୁ ପ୍ରକଳ୍ପରେ ଆର୍ଥିକ ଓ ବୈଷୟିକ ସହାୟତା ପ୍ରଦାନ କରି ଆସୁଅଛି ?

ଭୂଗୋଳ ଓ ଅର୍ଥନୀତି

4. (a) ତୁମ ଅଞ୍ଚଳରେ ହେଉଥିବା ଭୂ-କ୍ଷୟ ସମସ୍ୟାର ସମାଧାନ କିପରି କରାଯାଇ ପାରିବ ଲେଖ । 4

କି ମ୍ବା

ଭାରତର ଗାଙ୍ଗେୟ ସମତଳ ଭୂମିରେ ଦେଖାଯାଉଥିବା ପଟୁ ମୃତ୍ତିକା ବିଷୟରେ ସଂକ୍ଷିପ୍ତ ବିବରଣୀ ଉପସ୍ଥାପନ କର ।

(b) ଶକ୍ତିସମ୍ବଳ ସଂରକ୍ଷଣର ଉପାୟମାନ ଆଲୋଚନା କର । 4

କି ମ୍ବା

ଭାରତରେ ସୌରଶକ୍ତି ଉତ୍ପାଦନର ଏକ ବିବରଣୀ ପ୍ରଦାନ କର ।

5. (a) ଆଗାମୀ ଦିନରେ ଖାଦ୍ୟସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଥିବା କାରଣଗୁଡ଼ିକ ଲେଖ । 3

କି ମ୍ବା

ଜଗତୀକରଣ କିପରି ଭାରତୀୟ କୃଷିକୁ ପ୍ରଭାବିତ କରିଛି ?

Odisha 1 to 10 all books App

(b) ସ୍ୱାଧୀନତା ପରବର୍ତ୍ତୀ ସମୟରେ ଭାରତୀୟ ଶିଳ୍ପ କିପରି ଏହାର ଅର୍ଥନୀତିକୁ ପ୍ରଭାବିତ କରିଛି ? 3

କିମ୍ବା

ଶିଳ୍ପଜନିତ ପରିବେଶ ଅବକ୍ଷୟ ରୋକିବାର ଉପାୟଗୁଡ଼ିକ ବର୍ଣ୍ଣନା କର ।

(c) ଆମ ଦେଶରେ ବେକାରୀ ଦୂରୀକରଣରେ ନିଆଯାଉଥିବା ପଦକ୍ଷେପଗୁଡ଼ିକ ମଧ୍ୟରୁ ଯେକୌଣସି ଦୁଇଟି ପଦକ୍ଷେପ ସମ୍ବନ୍ଧରେ ସଂକ୍ଷେପରେ ଆଲୋଚନା କର । 3

କିମ୍ବା

ସହରାଞ୍ଚଳ ଠାରୁ ଗ୍ରାମାଞ୍ଚଳରେ ବେକାର ସଂଖ୍ୟା ଅଧିକ କାହିଁକି ଉଦାହରଣ ସହ ବୁଝାଅ ।

6. (a) ପାର୍ଥକ୍ୟ ଦର୍ଶାଅ : 2

ବିଲୁପ୍ତଜାତି ଓ ବିପଦଗ୍ରସ୍ତ ଜାତି

କିମ୍ବା

ପେଡାଲଫର ଓ ପେଡୋକାଲ

(b) ସଂକ୍ଷିପ୍ତ ଟିପ୍ପଣୀ ଲେଖ (ଯେକୌଣସି ଗୋଟିଏ) : 2

ପଲାରପାନି

କିମ୍ବା

ଅଧାତବ ଖଣିଜ

(c) କ୍ୟାସ୍ ବା KASH କହିଲେ କ'ଣ ବୁଝ ? 2

କିମ୍ବା

ଔଦ୍ୟୋଗିକୀର ବୈଶିଷ୍ଟ୍ୟଗୁଡ଼ିକ ସମ୍ପର୍କରେ ଲେଖ ।

(d) ଷ୍ଟାର୍ଟଅପ୍ ଇଣ୍ଡିଆ (Start up India) କହିଲେ କ'ଣ ବୁଝ ? 2

କିମ୍ବା

'ପରୀନିବେଶ' କହିଲେ କ'ଣ ବୁଝ ?

Eduodia App

Odisha 1 to 10 all books App

MODEL QUESTION PAPER – 2
SUBJECT — FIRST LANGUAGE - ODIA (FLO)

OBJECTIVE TYPE QUESTIONS

ସମୟ : ୧ ଘଣ୍ଟା ପୂର୍ଣ୍ଣ ସଂଖ୍ୟା : ୫୦

Time : 1 Hour Full Marks : 50

1. ଓଡ଼ିଶା ସରକାରଙ୍କ ଦ୍ୱାରା କେଉଁ ମସିହାରେ 'ବନ୍ଦେ ଉତ୍କଳ ଜନନୀ' ଗୀତଟି ରାଜ୍ୟ ସଂଗୀତର ମାନ୍ୟତା ଲାଭ କରିଛି ?

(A) ୨୦୧୮ (B) ୧୯୩୭ (C) ୨୦୨୦ (D) ୧୯୫୩

2. 'ଉତ୍କଳ ଶୂରବର–ଦର୍ପିତ ଗେହା'' – ଏହିଠାରେ ଶୂରବର ବୋଲି କାହାକୁ କୁହାଯାଇଛି ?

(A) ଶ୍ରେଷ୍ଠବୀରଙ୍କୁ (B) ପଣ୍ଡିତଙ୍କୁ (C) ଓଡ଼ିଶାବାସୀଙ୍କୁ (D) ଋଷିଙ୍କୁ

3. ''ଧ୍ୟାନେଣ ଚିନ୍ତିଲା ସେ ପାଣ୍ଡବ ସୁନ୍ଦର'' – ଏହିଠାରେ ପାଣ୍ଡବ ସୁନ୍ଦର କିଏ ?

(A) ଯୁଧିଷ୍ଠିର (B) ଭୀମ (C) ଅର୍ଜୁନ (D) ସହଦେବ

4. ସ୍କନ୍ଦ ପୁରାଣର ସୂଚନା ଅନୁସାରେ ନିମ୍ନୋକ୍ତ କେଉଁ ଦ୍ୱୀପଟି ନବଦ୍ୱୀପର ଅନ୍ତର୍ଭୁକ୍ତ ନୁହେଁ ?

(A) ସୌମ୍ୟଦ୍ୱୀପ (B) ଅରୁଣଦ୍ୱୀପ (C) ନାଗଦ୍ୱୀପ (D) ଇନ୍ଦ୍ରଦ୍ୱୀପ

5. ଲକ୍ଷଣ ଦୃଷ୍ଟିରୁ 'ଚିଲିକା' କେଉଁ ପ୍ରକାର କାବ୍ୟ ?

(A) ପୌରାଣିକ କାବ୍ୟ (B) ମହାକାବ୍ୟ (C) ଖଣ୍ଡକାବ୍ୟ (D) ସମ୍ପୂର୍ଣ୍ଣ କାବ୍ୟ

6. ''ଏ ଲୀଳା – ରଚନ୍ତି ଦେବୀ ବାଗୀଶ୍ୱରୀ'' – ଏହି ପଦରେ ଉଲ୍ଲେଖ ଥିବା ବାଗୀଶ୍ୱରୀ କିଏ ?

(A) ମହାଲକ୍ଷ୍ମୀ (B) ପାର୍ବତୀ (C) ମା' ଦୁର୍ଗା (D) ସରସ୍ୱତୀ

Odisha 1 to 10 all books App

7. ନିମ୍ନଲିଖିତ କାବ୍ୟଗୁଡ଼ିକ ମଧ୍ୟରୁ କେଉଁ କାବ୍ୟଟି ଗଙ୍ଗାଧର ମେହେରଙ୍କ ଦ୍ୱାରା ରଚିତ ?

(A) ଲାବଣ୍ୟବତୀ (B) ଉଷା (C) ପଦ୍ମିନୀ (D) ଚନ୍ଦ୍ରଭାଗା

8. ବୀର ରାମଙ୍କ ମୂର୍ତ୍ତି ସୀତାଙ୍କ ହୃଦୟରେ କିପରି ପ୍ରତିବିମ୍ବିତ ହୋଇଥିଲା ?

(A) ଶିଶିର ବିନ୍ଦୁରେ ସୂର୍ଯ୍ୟଙ୍କ ପ୍ରତିବିମ୍ବ ପରି (B) ତମସା ନଦୀରେ ସୂର୍ଯ୍ୟଙ୍କ ପ୍ରତିବିମ୍ବ ପରି

(C) ତମସା ତରଙ୍ଗରେ ଚନ୍ଦ୍ରର ପ୍ରତିବିମ୍ବ ପରି (D) ଝରଣା ଜଳରେ ସୂର୍ଯ୍ୟଙ୍କ ପ୍ରତିବିମ୍ବ ପରି

9. ନିମ୍ନୋକ୍ତ କାବ୍ୟମାନଙ୍କ ମଧ୍ୟରୁ କେଉଁ କାବ୍ୟଟି ଉପେନ୍ଦ୍ର ଭଞ୍ଜଙ୍କ ଦ୍ୱାରା ରଚିତ ନୁହେଁ ?

(A) ପ୍ରେମ ସୁଧାନିଧି (B) ରସକଲ୍ଲୋଳ

(C) ବୈଦେହୀଶ ବିଳାସ (D) ରସିକ ହାରାବଳୀ

10. ଶୁକ ସାରଣ କାହାକୁ ଦେବରିପୁ ବୋଲି ସଂବୋଧନ କରିଛନ୍ତି ?

(A) ବିଭୀଷଣଙ୍କୁ (B) ରାମଚନ୍ଦ୍ରଙ୍କୁ (C) ଅଙ୍ଗଦଙ୍କୁ (D) ରାବଣକୁ

11. 'କାଞ୍ଚି କାବେରୀ' ନାଟକରେ ଲକ୍ଷ୍ମୀକାନ୍ତ ଭଦ୍ରା ଓ ଭିକାରୁଣୀ ଭୂମିକାରେ ଅଭିନୟ କରିବା ସହିତ ଆଉ କେଉଁ ରୂପରେ ନିଜର କଳା ପ୍ରଦର୍ଶନ କରି ଅନେକ ପ୍ରଶଂସା ପାଇଥିଲେ ?

(A) ନାଟ୍ୟକାର (B) ନିର୍ଦ୍ଦେଶକ (C) ନର୍ତ୍ତକୀ (D) ଗୀତିକାର

12. ଯେଉଁ ସମ୍ବର୍ଦ୍ଧନା ସଭାରେ ଲକ୍ଷ୍ମୀକାନ୍ତକୁ କାନ୍ତକବି ରୂପେ ଘୋଷଣା କରାଯାଇଥିଲା, ତାହାର ମୁଖ୍ୟ ଉଦ୍ୟୋକ୍ତା କିଏ ଥିଲେ ?

(A) ହେମଚନ୍ଦ୍ର ସରକାର (B) ଚିନ୍ତାମଣି ମହାନ୍ତି

(C) ବିଶ୍ୱନାଥ କର (D) ଲକ୍ଷ୍ମୀନାରାୟଣ ସାହୁ

Odisha 1 to 10 all books App

13. ନିମ୍ନୋକ୍ତ କେଉଁଟି କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ଦ୍ୱାରା ରଚିତ ଭିନ୍ନ ଭାଷାର ଏକ ପୁସ୍ତକ ଅଟେ ?

(A) ଭୁବନେଶ୍ୱରର ପ୍ରତ୍ନତାତ୍ତ୍ୱିକ ଅବଶେଷ (B) ମୋ ସମୟର ଓଡ଼ିଶା

(C) ଇତିହାସ ଓ କିମ୍ବଦନ୍ତୀ (D) ପ୍ରବନ୍ଧ ମାନସ

14. ସତ୍ୟ ସହିତ ତଥ୍ୟର ସମନ୍ୱୟ, ଅକାଟ୍ୟ ଯୁକ୍ତି ଓ ମନ୍ଦ୍ର ଗମ୍ଭୀର ଭାଷା କାହାର ପ୍ରବନ୍ଧଗୁଡ଼ିକୁ ଅନୁପମ ମର୍ଯ୍ୟାଦା ପ୍ରଦାନ କରିଥାଏ ?

(A) ବଂଶୀଧର ସାମନ୍ତରାୟ (B) ଗୋଲୋକ ବିହାରୀ ଧଳ

(C) ଶରତ କୁମାର ମହାନ୍ତି (D) କୃଷ୍ଣଚନ୍ଦ୍ର ପାଣିଗ୍ରାହୀ

15. ବୈଷୟିକ ଉନ୍ନତି ନିମନ୍ତେ ପ୍ରାଚୀନ ଗ୍ରୀସୀୟ ଓ ରୋମୀୟ ସଭ୍ୟତାର ଆଦର୍ଶ ଓ ଭାରତୀୟ ସଭ୍ୟତାର ଆଦର୍ଶ ଯଥାକ୍ରମେ କ'ଣ ଥିଲା ?

(A) ତ୍ୟାଗ ଓ ଭୋଗ (B) ଶିକ୍ଷା ଓ ବ୍ରହ୍ମଚର୍ଯ୍ୟ (C) ଭୋଗ ଓ ତ୍ୟାଗ (D) ବ୍ରହ୍ମଚର୍ଯ୍ୟ ଓ ଶିକ୍ଷା

16. ହିନ୍ଦୁମାନଙ୍କ ମତରେ କାହା ଯୋଗୁଁ ଭାରତୀୟ ସଭ୍ୟତା କ୍ଷୁଣ୍ଣ ହେଲା ବୋଲି 'ସଭ୍ୟତା ଓ ବିଜ୍ଞାନ' ପ୍ରବନ୍ଧରେ କୁହାଯାଇଛି ?

(A) ବାହ୍ୟ ହସ୍ତକ୍ଷେପ (B) ଅଧର୍ମ କାର୍ଯ୍ୟ

(C) ଶାସକମାନଙ୍କ ବିମୁଖତା (D) ଅନ୍ତର୍ଦ୍ୱନ୍ଦ୍ୱ

17. କାହା ମାଧ୍ୟମରେ ଲକ୍ଷ ଲକ୍ଷ ଜୀବନରେ ଆଲୋକ ଧାରା ଖେଳାଇବାକୁ କବି ଅନନ୍ତ ପଟ୍ଟନାୟକ ନବୀନ ଯୁଗର ତରୁଣମାନଙ୍କୁ ଆହ୍ୱାନ ଦେଇଛନ୍ତି ?

(A) ପ୍ରଚଣ୍ଡ କ୍ଷମତା (B) ଅଜସ୍ର ସମ୍ପତ୍ତି (C) ବକ୍ଷ ଶୋଣିତ (D) ବିପୁଳ ବିଦ୍ୟା

Odisha 1 to 10 all books App

18. 'ଲୁପ୍ତ ହେଉରେ ଜାତି ଉପଜାତି ଖଣ୍ଡିତ ଶତଦେଶ' – ଏଠାରେ 'ଜାତି ଉପଜାତି' କେଉଁ ଭାବ ପ୍ରକାଶ କରୁଛି ?

(A) ଯାତନା (B) ବିଭେଦ (C) ନୈରାଶ୍ୟ (D) କଳହ

19. କାହାର ଦିବ୍ୟ ଚେତନା ଜାଗ୍ରତ କରାଇବା ପାଇଁ ବିଦ୍ୟୁତପ୍ରଭା ଦେବୀ 'ସର୍ବଂସହା ମାଟି' କବିତାରେ ଆହ୍ୱାନ ଜଣାଇଛନ୍ତି ?

(A) ଦେବତା (B) ଅସୁର (C) ମଣିଷ (D) ପଶୁ

20. ମାଆ ପରି ଆଉ କିଏ ଆମର ସବୁ ଅଳି ଅରଦଳିକୁ ସହ୍ୟ କରିଥାଏ ?

(A) ଆକାଶ (B) ପବନ (C) ଅରଣ୍ୟ (D) ମାଟି

21. ''ରାଜ୍ୟ ଗୁଡ଼ିକର ରାଜ୍ୟ ଭାଷା ହେବ ଆଞ୍ଚଳିକ ଭାଷା।'' – ଏକଥା କିଏ କହିଥିଲେ ?

(A) ଗଙ୍ଗାଧର ମେହେର (B) ଲକ୍ଷ୍ମୀକାନ୍ତ ମହାପାତ୍ର

(C) ଗାନ୍ଧିଜୀ (D) ରାଜା ରାମମୋହନ ରାୟ

22. ଗଣତନ୍ତ୍ରର ମୂଳମନ୍ତ୍ର କ'ଣ ?

(A) ଦଳ ଗଠନ (B) ଶିକ୍ଷା (C) ନିର୍ବାଚନ (D) ମତଦାନ

23. ଶ୍ରୀ ଶରତଚନ୍ଦ୍ର ଗୁପ୍ତଙ୍କର ସନ୍ୟାସୀ ନାମ କ'ଣ ଥିଲା ?

(A) ସ୍ୱାମୀ ସଦାନନ୍ଦ (B) ସ୍ୱାମୀ ସାରଦାନନ୍ଦ (C) ସ୍ୱାମୀ ଶିବାନନ୍ଦ (D) ସ୍ୱାମୀ ଯୋଗାନନ୍ଦ

Odisha 1 to 10 all books App

24. ରାଜପୁତନାରେ ବିବେକାନନ୍ଦ କାହାର ଆତିଥ୍ୟ ଗ୍ରହଣ କରିଥିଲେ ?

(A) ଜୟପୁର ମହାରାଜାଙ୍କର (B) ଆଜମୀର ମହାରାଜାଙ୍କର

(C) ମହୀଶୂର ମହାରାଜାଙ୍କର (D) କ୍ଷେତରୀ ମହାରାଜାଙ୍କର

25. ବାମଣ୍ଡାର ରାଜସଭା ଫକୀରମୋହନ ସେନାପତିଙ୍କୁ କେଉଁ ସମ୍ମାନରେ ଭୂଷିତ କରିଥିଲେ ?

(A) କବି ସମ୍ରାଟ (B) ଉତ୍କଳମଣି (C) ଭକ୍ତକବି (D) ସରସ୍ୱତୀ

26. 'ଝଙ୍କାର ପତ୍ରିକା' କାହାର ଅବଦାନ ?

(A) ନଟବର ସାମନ୍ତରାୟଙ୍କର (B) ମନୋଜ ଦାସଙ୍କର

(C) ହରେକୃଷ୍ଣ ମହତାବଙ୍କର (D) ସୁରେନ୍ଦ୍ର ମହାନ୍ତିଙ୍କର

27. ଗାଳ୍ପିକ ବସନ୍ତ କୁମାର ଶତପଥୀ କେଉଁ ଭଳି ଜଳୁଥିବା କାଠକୁ ପସନ୍ଦ କରିଥିଲେ ?

(A) ହୁତ ହୁତ (B) ଫୁରୁ ଫୁରୁ (C) ଫର୍ ଫର୍ (D) ସର୍ ସର୍

28. କାଠ ଚିରାଳି କେତେ ଟଙ୍କା ମଜୁରୀରେ କାଠ ଚିରିବା ପାଇଁ ରାଜି ହୋଇଥିଲା ?

(A) ତିନି ଟଙ୍କା ଆଠଣା (B) ତିନି ଟଙ୍କା

(C) ତିନି ଟଙ୍କା ବାରଣା (D) ଚାରି ଟଙ୍କା

29. ଅଙ୍ଗଦ କାହା ସହିତ କଳିଙ୍ଗ ରାଜ ପ୍ରାସାଦର ଦରବାର କକ୍ଷ ନିକଟରେ ପହଞ୍ଚିଥିଲେ ?

(A) ମହାରାଣୀ କୁରୁବକୀ (B) ରାଜେଶ୍ୱରୀ (C) ପ୍ରଜା (D) ଦୀର୍ଘଦେହୀ ପୁରୁଷ

30. ଅଶୋକଙ୍କ ଶିଳାଲେଖରେ କେଉଁ ପକ୍ଷୀର ମାଂସ ରନ୍ଧା କଥା ଅଙ୍ଗଦ ପଢ଼ିଛନ୍ତି ?

(A) ମୟୂର (B) ଏରା (C) କପୋତ (D) କୁକ୍କୁଟ

Odisha 1 to 10 all books App

31. ନଟବର ବାବୁଙ୍କ ମୁଦା ଆଖିପତା ଉପରେ ବିରାଟ ବରଗଛକୁ ଆଚ୍ଛନ୍ନ କରି ଭାସି ଆସୁଥିବା ଛବିଟି କାହାର ଥିଲା ?

(A) ତାଙ୍କ ବାପାଙ୍କର (B) ତାଙ୍କ ବୋଉଙ୍କର (C) ତାଙ୍କ ଝିଅର (D) ତାଙ୍କ ପୁଅର

32. ନଟବର ବାବୁ ତାଙ୍କ ସାନ ଝିଅଙ୍କ ଉଦ୍ଦେଶ୍ୟରେ ନିମ୍ନୋକ୍ତ କେଉଁ ଲୋକବାଣୀଟି ପ୍ରୟୋଗ କରିଛନ୍ତି ?

(A) ମୋତେ ଯେତେ ମାଠିବୁ ମାଠ (B) ଅଣ୍ଟି ଛୁରୀ ତଣ୍ଟି କାଟେ

(C) ଅଳସୁଆର ବାରବାଟୀ ଚାଷ (D) ଛୋଟ ସାପର ବଡ଼ ବିଷ

33. ନିମ୍ନୋକ୍ତ କେଉଁଟି ମନୋରଞ୍ଜନ ଦାସଙ୍କ ଏକ ନାଟକ ନୁହେଁ ?

(A) ବନ ହଂସୀ (B) ଅରଣ୍ୟ ଫସଲ (C) କାଠଘୋଡ଼ା (D) ରକ୍ତ ମାଟି

34. ପୂରବୀ ସୁବ୍ରତଙ୍କୁ ଉପହାର ଦେଇଥିବା ନୀଳ କଲମଟିକୁ ପ୍ରୀତି ଘନଶ୍ୟାମ ବାବୁଙ୍କ ସ୍ତ୍ରୀଙ୍କୁ କେତେ ଟଙ୍କାରେ ବିକିଥିଲେ ?

(A) ୨୦ ଟଙ୍କାରେ (B) ୩୦ ଟଙ୍କାରେ (C) ୧୦ ଟଙ୍କାରେ (D) ୪୦ ଟଙ୍କାରେ

35. କେଉଁ ଦେବତାଙ୍କୁ ପୂଜା କରି ଶାମ୍ବ ଦୁରାରୋଗ୍ୟ କୁଷ୍ଠ ବ୍ୟାଧିରୁ ମୁକ୍ତ ହୋଇଥିଲେ ?

(A) ସୂର୍ଯ୍ୟ (B) ଚନ୍ଦ୍ର (C) ବରୁଣ (D) ଅଗ୍ନି

36. ସମସ୍ତ ବାକ୍ୟର ସମାପିକା କ୍ରିୟାଯୁକ୍ତ ଅଂଶଟିକୁ କ'ଣ କୁହାଯାଏ ?

(A) ଆକାଂକ୍ଷା (B) ଆସତ୍ତି (C) ବାକ୍ୟାଂଶ (D) ଖଣ୍ଡବାକ୍ୟ

Odisha 1 to 10 all books App

37. ରମେଶଙ୍କ ବିନା ଏ କାମ ହୋଇପାରିବ ନାହିଁ । ଏଠାରେ 'ବିନା' କି ପ୍ରକାର ପଦ ?

(A) ସଂଯୋଜକ ଅବ୍ୟୟ (B) ପଦାନ୍ୱୟୀ ଅବ୍ୟୟ

(C) ବିଯୋଜକ ଅବ୍ୟୟ (D) ସମ୍ବନ୍ଧସୂଚକ ଅବ୍ୟୟ

38. ''ଯାହା କରିବା ଉଚିତ ତାହା କର ।'' – ଏହି ବାକ୍ୟଟିକୁ ନିମ୍ନୋକ୍ତ କାହା ଦ୍ୱାରା ସଂକ୍ଷେପଣ କରାଯାଇପାରିବ ?

(A) ସନ୍ଧି (B) ସମାସ (C) କୃଦନ୍ତ (D) ତଦ୍ଧିତ

39. ନିମ୍ନୋକ୍ତ କେଉଁ ଶବ୍ଦରେ ଣତ୍ୱ ବିଧି ନିୟମର ଉଲ୍ଲଂଘନ ହୋଇଛି ?

(A) ଋଣ (B) ଦର୍ପଣ (C) ଭାଷଣ (D) ମଶାଣି

40. 'ସ୍କୁଲ' ଏହା କେଉଁ ପ୍ରକାରର ଶବ୍ଦ ଅଟେ ?

(A) ଦେଶଜ (B) ବୈଦେଶିକ (C) ତଦ୍ଭବ (D) ତତ୍ସମ

41. ବୈଶ୍ୟୀ – ଏହା କେଉଁ ପ୍ରକାର ଅଶୁଦ୍ଧ ଅଟେ ?

(A) ବଚନଗତ (B) ବିଶେଷ୍ୟ ବିଶେଷଣଗତ

(C) ଲିଙ୍ଗଗତ (D) ଣତ୍ୱ ବିଧିଗତ

42. ଅନୁସୁୟା ଶବ୍ଦଟିର ଶୁଦ୍ଧରୂପ କ'ଣ ହେବ ?

(A) ଅନଶୂୟା (B) ଅନୁସୁୟା (C) ଅନଷୁୟା (D) ଅନସୂୟା

Odisha 1 to 10 all books App

43. 'ଆଖି ରଖିବା' ରୂଢ଼ିର ଅର୍ଥ କ'ଣ ?

(A) ଲକ୍ଷ୍ୟ ରଖିବା (B) ଲୋଭ କରିବା

(C) ଅନୁମାନ କରିବା (D) ଲୋଲୁପ ଦୃଷ୍ଟି ପକାଇବା

44. ସମୂହ କାର୍ଯ୍ୟରେ ..... ଦେବା ଠିକ୍ ନୁହେଁ । ଶୂନ୍ୟ ସ୍ଥାନରେ କେଉଁ ରୂଢ଼ିଟି ପ୍ରୟୋଗ କରାଯିବ ?

(A) କୁମ୍ଭୀର କାନ୍ଦଣା (B) କରଛଡ଼ା (C) କୁହାମୁଣ୍ଡା କପିଳା (D) ଛୁଞ୍ଚି ମାଛି ପରୀକ୍ଷା

45. ଉଡ଼ିଗଲା ଚଢ଼େଇର ପର ଗଣିବା – ଏହି ଲୋକବାଣୀଟି କେଉଁ ଅର୍ଥ ପ୍ରକାଶ କରୁଛି ?

(A) ଅତି ବୁଦ୍ଧିଆ

(B) ଅସମ୍ଭବ କଥା କଳ୍ପନା କରିବା

(C) ଅନଧିକାର ଚର୍ଚ୍ଚା

(D) ନିକମା ବା ଅଳସୁଆ ଲୋକର ବୃଥା ଆସ୍ଫାଳନ

Eduodia App

46. ଲୋକ ମୁଖରେ କଥା ବହୁଦୂର ପ୍ରସରି ଯାଏ । – ଏହି ଅର୍ଥ ପ୍ରକାଶ କରୁଥିବା ଲୋକବାଣୀଟି କ'ଣ ?

(A) ତିନି ଡୁଣ୍ଡରେ ଛେଳି କୁକୁର (B) ଡୁଣ୍ଡ ବାଇଦ ସହସ୍ର କୋଶ

(C) ଦେଶକେ ଫାଙ୍କ ନଇକେ ବାଙ୍କ (D) ସଭାରେ ହାଣ୍ଡି ଭାଙ୍ଗିବା

47. ଯେଉଁ ଛନ୍ଦରେ ଦୁଇ ପାଦରେ ଗୋଟିଏ ପଦ ହୁଏ, ପ୍ରତି ପାଦରେ ୧୬ ଟି ଅକ୍ଷର ଥାଏ, ନବମ, ଏକାଦଶ ଓ ଷୋଡ଼ଶ ଅକ୍ଷର ଉପରେ ଯତିପାତ ହୁଏ ସେହି ଛନ୍ଦର ନାମ କ'ଣ ?

(A) ଚୋଖି (B) ବଙ୍ଗଳାଶ୍ରୀ (C) ଶଙ୍କରାଭରଣ (D) ରାମକେରୀ

Odisha 1 to 10 all books App

48. କେଉଁ ଛନ୍ଦରେ ପ୍ରତି ପାଦର ଅକ୍ଷର ସଂଖ୍ୟା ଅନିର୍ଦ୍ଦିଷ୍ଟ ଅଟେ ?

(A) ନଟବାଣୀ ବା ବିଭାସ କେଦାର (B) ଦାଣ୍ଡିବୃତ୍ତ ବା ଛନ୍ଦ

(C) ଭାଗବତ ବାଣୀ ବା ଗୁଜ୍ଜରୀ (D) ବଙ୍ଗଳାଶ୍ରୀ

49. ଭିନ୍ନାର୍ଥ ବୋଧକ ଏକ ପ୍ରକାର ଶବ୍ଦର ବାରମ୍ବାର ଆବୃତ୍ତିକୁ କେଉଁ ଅଳଙ୍କାର କୁହାଯାଏ ?

(A) ଅନୁପ୍ରାସ (B) ଶ୍ଳେଷ (C) ଯମକ (D) ରୂପକ

50. ଯେଉଁ ବାକ୍ୟରେ ଉପମାନ, ଉପମେୟ, ସମାନ ଧର୍ମ ବିଶିଷ୍ଟ ହୋଇଥାନ୍ତି ଓ ସେମାନଙ୍କ ମଧ୍ୟରେ ଥିବା ସାଦୃଶ୍ୟ ସାଧାରଣ ବୋଧକ ଶବ୍ଦ ଦ୍ୱାରା ଅଭିହିତ ହୋଇଥାଏ, ସେଠାରେ କି ଅଳଙ୍କାର ହୁଏ ?

(A) ଉପମା (B) ଉତ୍‌ପ୍ରେକ୍ଷା (C) ରୂପକ (D) ଶ୍ଳେଷ

Eduodia App

Odisha 1 to 10 all books App

SUBJECTIVE TYPE QUESTIONS

ସମୟ : ୧ ଘଣ୍ଟା ୩୦ ମିନିଟ୍ | ପୂର୍ଣ୍ଣ ସଂଖ୍ୟା : ୫୦

Time : 1 Hour 30 Minutes | Full Marks : 50

1. ଉତ୍ତର ଲେଖ :

(a) ''ମାତୃଭାଷା ପାଇଁ ଅଭିମାନ ରହିଲେ ମାତୃଭାଷାର ଉନ୍ନତି ସାଧନ ହୋଇପାରିବ ।'' ପଠିତ ପ୍ରବନ୍ଧ ଅବଲମ୍ବନରେ ଏହି ଉକ୍ତିର ଯଥାର୍ଥତା ପ୍ରତିପାଦନ କର । 5

ଅଥବା

ପଲ୍ଲୀର ଜୀବନଧାରାରେ ଲେଖକ ଯେଉଁ ସବୁ ପରିବର୍ତ୍ତନ ଲକ୍ଷ୍ୟ କରିଛନ୍ତି ସେ ସମ୍ପର୍କରେ ଆଲୋଚନା କର ।

(b) ଚିଲିକାରେ ସାୟନ୍ତନ ଦୃଶ୍ୟ କବିତା ଅବଲମ୍ବନରେ କବିବର ପ୍ରଦାନ କରିଥିବା ଜୀବନ ଦର୍ଶନ ସମ୍ପର୍କରେ ଆଲୋକପାତ କର । 5

ଅଥବା

ଶୁକ ସାରଣଠାରୁ ରାବଣ ପ୍ରେରିତ ବାର୍ତ୍ତା ପାଇବାପରେ ବିଭୀଷଣ ଓ ଅଙ୍ଗଦ ପ୍ରକାଶ କରିଥିବା ପ୍ରତିକ୍ରିୟା ସମ୍ପର୍କରେ ବର୍ଣ୍ଣନା କର ।

2. ସପ୍ରସଙ୍ଗ ସରଳାର୍ଥ ଲେଖ :

(a) ''ତାହାର ସୃଷ୍ଟି ଓ ଉନ୍ନତି ଇଚ୍ଛାକୃତ ନୁହେଁ, ତାହା ତ୍ୟାଗ ମାର୍ଗର ଏକତମ ସ୍ୱତଃ ସମ୍ଭୂତ ଫଳମାତ୍ର'' 5

ଅଥବା

''ମଣିଷକୁ ନ ବଦଳାଇ ପୁରୁଣା ସମାଜକୁ ଭାଙ୍ଗି ହେବ ନାହିଁ''

(b) ପାତାଳେ ଅନନ୍ତ ନାଗର କମ୍ପିଲାକ ଫେରୁ
ନବଦ୍ୱୀପ ସପତ ସାଗର କମ୍ପିଲା ଟଳମଳ ହୋଇଲାକ ମେରୁ 5

ଅଥବା

ତୁମ୍ଭ ମାଟି–ଦେହ ଗ୍ରାସିଛି ଶ୍ମଶାନ
ମାତ୍ର ଯଶୋଦେହେ ତୁମ୍ଭେ ଆୟୁଷ୍ମାନ ।

Odisha 1 to 10 all books App

3. ପ୍ରାୟ **୨୦୦** ଶବ୍ଦରେ ଯେ କୌଣସି **ଗୋଟିଏ** ପ୍ରସଙ ରେ ପ୍ରବନ୍ଧ ଲେଖ : 10

(i) **ପରିବେଶ ସୁରକ୍ଷା :**

(ଉପକ୍ରମ – ଆବଶ୍ୟକତା – ସୁରକ୍ଷା ପାଇଁ ପଦକ୍ଷେପ – ଉପସଂହାର)

(ii) **ସ୍ୱଚ୍ଛ ଭାରତ :**

(ଉପକ୍ରମ – ଉପାୟ – ଆବଶ୍ୟକତା – ସଚେତନତା – ଉପସଂହାର)

(iii) **ଆତ୍ମନିର୍ଭରଶୀଳ ଭାରତ :**

(ଉପକ୍ରମ – ଆବଶ୍ୟକତା – ଅର୍ଥବ୍ୟବସ୍ଥାରେ ପ୍ରଭାବ – ଉପସଂହାର)

4. ପ୍ରାୟ **୧୦୦ ଟି** ଶବ୍ଦରେ ଲେଖ : 5 × 2 = 10

(a) ପରୀକ୍ଷାପାଇଁ ତୁମେ କିପରି ପ୍ରସ୍ତୁତ ହେଉଛ ବର୍ଣ୍ଣନା କରି ବନ୍ଧୁଙ୍କ ନିକଟକୁ ପତ୍ର ଲେଖ।

ଅଥବା

ଖବର କାଗଜ ପଠନର ଉପକାରିତା ସମ୍ପର୍କରେ ବୁଝାଇ ସାନ ଭଉଣୀ ନିକଟକୁ ପତ୍ର ଲେଖ।

(b) ତୁମ ଗ୍ରାମପଞ୍ଚାୟତକୁ ମରୁଡିଗ୍ରସ୍ତ ଅଞ୍ଚଳ ଭାବେ ଘୋଷଣା କରିବାକୁ ଜିଲ୍ଲାପାଳଙ୍କୁ ଦରଖାସ୍ତ ଲେଖ ।

ଅଥବା

ତୁମ ଗ୍ରାମର ରାସ୍ତା ମରାମତି ନିମନ୍ତେ ସରପଞ୍ଚଙ୍କ ନିକଟକୁ ଦରଖାସ୍ତ ଲେଖ ।

5. ପ୍ରଦତ୍ତ ଅନୁଚ୍ଛେଦଟି ପାଠକରି ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ : 2 × 5 = 10

ଆଧ୍ୟାତ୍ମିକତା ବିଷୟରେ ଆମର ବେଶି କିଛି ଧାରଣା ନାହିଁ । ତେବେ ଆଧ୍ୟାତ୍ମିକତାର ମୌଳିକ ବିଷୟ ହେଉଛି ମନୁଷ୍ୟ କେବଳ ବିଷୟାସକ୍ତ ନ ହୋଇ ପ୍ରାଣ ବା ଆତ୍ମା ବିଷୟରେ କିଛି ଧ୍ୟାନ ଦେବ । ଧର୍ମଟା ପୂରାପୂରି ବ୍ୟକ୍ତିଗତ । ଆମର ତ ଧାରଣା ଯେ ଜଣେ କୌଣସି ଏକ ଧର୍ମରେ ବିଶ୍ୱାସ ନ କରି ମଧ

Odisha 1 to 10 all books App

ସାମାଜିକ ସହୃଦୟତା ହାସଲ କରିପାରିବ । ବରଂ ଭିନ୍ନ ଭିନ୍ନ ଦେଶରେ ଧର୍ମକୁ ନେଇ ଯେଉଁ ବାଦ ବିସମ୍ବାଦ ସୃଷ୍ଟି ହେଉଛି ସେଥିରେ କୌଣସି ଏକ ଧର୍ମକୁ ଗ୍ରହଣ ନ କଲେ ସମାଜର ବେଶି କିଛି କ୍ଷତି ହେବ ନାହିଁ । ନିଜର ସୀମା ନିର୍ଣ୍ଣୟ କରିବାପାଇଁ ଭଗବାନଙ୍କର ଅସ୍ତିତ୍ୱ ସ୍ୱୀକାର କରାଯାଏ । କାରଣ ଏହା ଫଳରେ ମନୁଷ୍ୟ ବେପରୁଆ ହେବାପାଇଁ ସୁଯୋଗ ପାଏ ନାହିଁ । ଏହା ବ୍ୟତୀତ ନିଜର ଦୁଃଖ ଓ ଦୁର୍ବିପାକ ବେଳେ ଭଗବାନଙ୍କର ଆଶ୍ରା ମନୁଷ୍ୟକୁ ସାହସ ଓ ସାନ୍ତ୍ୱନା ଦିଏ । କିନ୍ତୁ ଏହି ଧର୍ମ ଏବେ ମତାନ୍ଧତା ସୃଷ୍ଟି କରି ସାମାଜିକ ବିଭେଦ ସୃଷ୍ଟି କରୁଛି । ତେଣୁ ଆମେ ଧର୍ମ କଥା ନ କହି ଆଧ୍ୟାତ୍ମିକ ଚିନ୍ତା କଥା ଉଲ୍ଲେଖ କରୁଛୁ । ଜଡ଼ବାଦରେ ଭୌତିକ ବସ୍ତୁ ଉପରେ ଗୁରୁତ୍ୱ ଦିଆ ଯାଏ । ଏହା ଫଳରେ ମନୁଷ୍ୟ ସାର୍ଥପର ହୋଇପଡ଼େ । ଆଧ୍ୟାତ୍ମିକବାଦ ଜଡ଼ବାଦର ବିଷୟାସକ୍ତିକୁ ନିୟନ୍ତ୍ରଣ କରି ମନୁଷ୍ୟର ମନକୁ ବ୍ୟାପକ କରେ । କିନ୍ତୁ ଆଧୁନିକ ସଭ୍ୟତାରେ ଜଡ଼ବାଦ ଉପରେ ଏତେ ଗୁରୁତ୍ୱ ଦିଆ ଯାଉଛି ଯେ, ମନୁଷ୍ୟର ମନ ବ୍ୟାପକ ନ ହୋଇ ଦିନକୁ ଦିନ ସଂକୀର୍ଣ୍ଣ ହୋଇ ପଡୁଛି ।

(i) ଆଧ୍ୟାତ୍ମିକତାର ମୌଳିକ ଉଦ୍ଦେଶ୍ୟ କ'ଣ ?

(ii) ଭଗବାନଙ୍କର ଅସ୍ତିତ୍ୱ କାହିଁକି ସ୍ୱୀକାର କରାଯାଏ ?

(iii) କେଉଁ କାରଣରୁ ସାମାଜିକ ବିଭେଦ ସୃଷ୍ଟି ହେଉଛି ?

(iv) ମନୁଷ୍ୟ ସ୍ୱାର୍ଥପର ହୋଇ ପଡ଼ିବାର କାରଣଟି କ'ଣ ?

(v) ଆଧୁନିକ ସଭ୍ୟତା କାହା ଉପରେ ଅଧିକ ଗୁରୁତ୍ୱ ଦେଉଛି ଓ ଏହାର ପରିଣାମରେ କ'ଣ ଘଟୁଛି ?

Odisha 1 to 10 all books App

MODEL QUESTION PAPER – 2

SUBJECT — SECOND LANGUAGE ENGLISH (SLE)

Time : 1 Hour Full Marks : 50

OBJECTIVE TYPE QUESTIONS

1. What is the theme of the poem 'All Things Bright and Beautiful' ?
   (A) About our gratitude to God for his wonderful creation
   (B) About beautiful plants and animals
   (C) About beautiful birds and flowers
   (D) About natural beauty
2. What is the rhyming scheme of the poem 'All Things Bright and Beautiful' in the first stanza ?
   (A) AABB (B) ABAB
   (C) ABCB (D) Free verse
3. What matter put Gandhiji to shame ?
   (A) Kindness of Sanskrit teacher
   (B) Kindness of Persian teacher
   (C) Kindness of the headmaster
   (D) Kindness of his father
4. According to Krishnashankar Pandya, as a Vaishnava learning of ..... should not be ignored.
   (A) Geography (B) Gymnastics
   (C) Sanskrit (D) Persian
5. God, "Send me the *rest* since I need it very much," wrote Lencho.
   Here the underlined word 'rest' refers to ..... pesos.
   (A) Thirty (B) Forty
   (C) Seventy (D) Thirty-five

Eduodia App

Odisha 1 to 10 all books App

6. What thought reflects Lencho's confidence in God when he received only seventy pesos ?

(A) The help of God

(B) No one dies of hunger

(C) God could not have made a mistake

(D) 'God.' If you don't help me and my family I will go hungry this year

7. Grandfather used to stop Timothy growl by .....

(A) stroking his forehead

(B) smacking him across the mouth

(C) patting his back

(D) ticking his ears

8. Which situation finally compelled grandfather to transfer Timothy to a zoo ?

(A) He grew steadily less friendly.

(B) He tried to steal away to stalk a cat or a pet pekinese.

(C) He entered the poultry house and killed the birds.

(D) He began to stalk Mahmoud with a villainous look.

9. What is the tone of the poem 'The Solitary Reaper' ?

(A) Happy (B) Sad

(C) Emotional (D) Soothing

10. The expression, 'Breaking the silence of the seas' in 'The Solitary Reaper' refers to ..... .

(A) Arabian sands (B) The deep valley

(C) Mountain regions (D) Farthest Hebrides

Eduodia App

Odisha 1 to 10 all books App

11. Suppose you were a flower in the poem 'The Flower School'. What message would you give to the world ?

(A) beauty and happiness (B) anger and frustration

(C) pain and pleasure (D) sorrows and sufferings

12. 'The flowers were hiding underground before they bloom.' They teach us the value of ..... .

(A) Love (B) Patience

(C) Truthfulness (D) Sacrifice

13. Bihu, 'a joyous dance of Assam' is marked with ..... .

(A) brisk steps and hand movements (B) brisk steps and belly movements

(C) gentle steps and body movements (D) gentle steps and eye movements

14. People of Assam are blessed with the mighty river ..... .

(A) Ganga (B) Yamuna

(C) Godavari (D) Brahmaputra

15. The Hundred-Drum Festival is celebrated by the Garos in the villages of ..... .

(A) Meghalaya (B) Tripura

(C) Manipur (D) Assam

16. The phrases 'bridal songs' and 'cradle songs' suggest that ..... .

(A) life is full of pleasure

(B) life is full of pain and suffering

(C) life is filled with opportunities

(D) life is filled with customs and beliefs

Eduodia App

Odisha 1 to 10 all books App

17. A mother sings 'lullabies' to make her baby go to sleep. Here, the word 'lullabies' refers to ..... .

(A) bridal songs (B) cradle songs

(C) folk songs (D) devotional songs

18. "Kind Sir, have pity ; turn your attention to the poor, hungry man !" The statement is said by ..... .

(A) the advocate (B) the advocate's driver

(C) the cook (D) the beggar

19. Sergie, the advocate, offered some other *Cleaner employment* to the beggar. Here the underlined phrase means ..... .

(A) the work of a copying (B) the work of a cook

(C) the job of a wagoner (D) the job of a woodcutter

20. Olga, the cook, proved that a drunkard like Luskoff can be changed by ..... .

(A) money and gifts (B) noble deeds and words

(C) scolding and beating (D) giving him menial work

21. Which of the following is not a major cause of air pollution ?

(A) Automobile exhausts

(B) Emission of industrial smoke and ash

(C) Burning of fossil fuels

(D) Acid rain

22. Why is the Bhopal incident called a tragic industrial accident ?

(A) Because it emitted obnoxious gases, ash and dust particles

(B) Because a deadly gas escaped into the atmosphere and killed 4000 residents

(C) Because Bhopal is an industrial city

(D) Because a large number of people were rendered blind and crippled

Eduodia App

Odisha 1 to 10 all books App

23. What is the message conveyed by the poet through the poem 'From the Formalin Jar' ?

(A) Age, fame, beauty or wisdom becomes meaningless unless a person is careful about his safety.

(B) Life should be lived to its fullest, without fear of death.

(C) Humans should not worry about mundane tasks.

(D) Safety leads to eternal happiness.

24. What is insulting to Vicky's brain ?

(A) Sitting in the formalin jar

(B) People staring at it again and again

(C) Being called a specimen

(D) Having no stroke, bugs or tumour

